ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାୟନ

୦୨-୧୫ ଅକ୍ଟୋବର, ୨୦୧୯

**ସୃଜନ-ଆଳାପ** : ଡ. ଅନ୍ତର୍ଯ୍ୟାମୀ ମିଶ୍ର

**ସ୍ମରଣୀୟ** : ଡ. କଇଳାଶ ପଟ୍ଟନାୟକ

**ପ୍ରଥମ ବହି** : ଅରୁଣ କୁମାର ସାହୁ

**ପହିଲି ପୁଲକ** : ଅନସୂୟା ପଣ୍ଡା



# ଅଣନାୟକ

**ଅରୁଣ କୁମାର ସାହୁଙ୍କ ଜନ୍ମ ୧୯୬୬ରେ, ଭଦ୍ରକ ଜିଲା ବାସୁଦେବପୁରରେ। ଧାତୁ ବିଜ୍ଞାନରେ ଇଞ୍ଜିନିୟରିଂ ଓ ବୃତ୍ତି ନାଲ୍‌କୋରେ। ଅରୁଣଙ୍କ କବିତା ଭିନ୍ନ ଧାତୁର। କବିତା ଭିତରେ ଥାଏ ନିଆରା ଭାବୁକତା। ଥାଏ ସ୍ୱପ୍ନ ଓ ବାସ୍ତବତାର ଯୁଗଳବନ୍ଦୀ। ନିଜ 'ପ୍ରଥମ ବହି'ର ସ୍ମୃତି ଧରି 'ପ୍ରଥମ ବହି' ସ୍ତମ୍ଭରେ ଏଥର ଉଭା ଏଇ ଦୀପ୍ତିମାନ୍ କବି...**

ବାପା ସାହିତ୍ୟ, ଇତିହାସ ଓ ଗଣିତ ପଢ଼ାନ୍ତି ସ୍କୁଲରେ। ବୋଉ ପାଖରେ ମଧ ଗାଁ ଝିଅ ଓ ବୋହୂ ଭୁଆସୁଣୀ ଭିଡ଼ ଲଗାନ୍ତି ରାମାୟଣ, ମହାଭାରତ ବା ଓଡ଼ିଆ କାବ୍ୟ କବିତା ଶୁଣିବା ପାଇଁ ବା ଚର୍ଚ୍ଚା ପାଇଁ। କଲେଜରେ ଇଂରାଜୀ ସାହିତ୍ୟ ବା ଓଡ଼ିଆ ସାହିତ୍ୟ ନେଇ ପଢୁଥିବା ପିଲାମାନେ ଯେଉଁମାନେ କି ଆମ ବିଦ୍ୟାଳୟର ପୂର୍ବତନ ଛାତ୍ର, ଛୁଟିରେ ଗାଁକୁ ଆସିଲେ ବାପାଙ୍କ ପାଖରେ ଘଣ୍ଟାଘଣ୍ଟା ଧରି ବସନ୍ତି ଓ ସାହିତ୍ୟର ବିଭିନ୍ନ ବିଭବ ଉପରେ ଆଲୋଚନା ହୁଏ। ମୋର ଅଧାଶୁଣା କାନରେ ଏ ସବୁ ପଡ଼େ। ଏଇଠାରୁ ଆରମ୍ଭ ହୁଏ କିଛି ନୂଆ ପଢ଼ିବାର ଆଗ୍ରହ। ଲେଖିବା ବା ଲେଖକ ହେବାର କଥା କେବେ ବି ମନ ମଧ୍ୟରେ ଆସି ନ ଥିଲା। ଯଦିବା କେବେ ଆସୁଥିଲା, ତେବେ ତା'ର ପ୍ରେରଣା ଖୁବ୍ ଦୁର୍ବଳ ଓ କ୍ଷଣସ୍ଥାୟୀ ଥିଲା। ମାତ୍ର ମୁଁ ନାଲ୍‌କୋରେ ଚାକିରି କରିବା ପରେ ଯେଉଁ ବହିପଢ଼ା ମୋର ସଉକ ଥିଲା, ସେଥିରେ କବିତା ଲେଖିବାର ସଉକ ଧୀରେଧୀରେ ଯୋଡ଼ି ହୋଇଗଲା। ବନ୍ଧୁ, ସୁପରିଚିତ ସାହିତ୍ୟିକ ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଗିରି ମୋତେ ପ୍ରେରଣା ଦେଉଥା'ନ୍ତି କବିତା ସବୁକୁ ବହି ଆକାରରେ ଛାପି ଦେବାକୁ।



ଅରୁଣ କୁମାର ସାହୁ

କଟକର ବାଙ୍କାବଜାର ଗଳି। 'ଅଗ୍ରଦୂତ' ପ୍ରକାଶନୀରେ ଦେଖାହେଲେ ଶ୍ରୀ ମନ୍ମଥ ପଟ୍ଟନାୟକ। କବିତା ବହିଟିଏ ଛାପିବାକୁ ସେ ଆଗ୍ରହରେ ରାଜି ହୋଇଗଲେ। ଡିଟିପିର ଦାୟିତ୍ୱ ନେଲେ ଖମାର କଲେଜର ଇଂରାଜୀ ଅଧାପକ ଅନିଲ କୁମାର ମିଶ୍ର। ତା' ପରର ସମସ୍ୟା ନାମକରଣ। ପୁଣି ଥରେ ମୋତେ ସାହାଯ୍ୟ କଲେ ବନ୍ଧୁ ପ୍ରଫୁଲ୍ଲ କୁମାର ଗିରି। କହିଲେ, ଆପଣଙ୍କ ସୃଷ୍ଟିରେ 'ଅଣନାୟକ' ଶବ୍ଦଟି ବେଶ୍ ଉଜାଗର। କବିତା ବହିର ନାମକରଣ 'ଅଣନାୟକ' କାହିଁକି ଦେଉନାହାନ୍ତି! ନାମକରଣ ପରେ ଦ୍ୱିତୀୟ ସମସ୍ୟା ପ୍ରଚ୍ଛଦ। ବିଶିଷ୍ଟ ଚିତ୍ରଶିଳ୍ପୀ ଶିବପ୍ରସାଦ ପାଣିଗ୍ରାହୀଙ୍କୁ ତାଙ୍କ କଟକ ବାସଭବନରେ ସାକ୍ଷାତ୍ କଲି। ପନ୍ଦର ଦିନ ପଢ଼ିବା ପରେ ପ୍ରଚ୍ଛଦ ଆଙ୍କିବାର ପ୍ରସ୍ତାବ ପାଇ ତାଙ୍କ ହାତରେ ଏକ ଡିଟିପି କପି ଧରାଇ ଦେଇ ମୁଁ ଅନୁଗୋଳ ଫେରି ଆସିଲି। ପ୍ରାୟ କୋଡ଼ିଏ ଦିନ ପରେ ପ୍ରଚ୍ଛଦ ତିଆରି ହୋଇଗଲା।

ବହି ଛପା ସରିଗଲା। ଏବେ ଆସିଲା ଲୋକାର୍ପଣର ମୁହୂର୍ତ୍ତ। ସମସ୍ୟା ଆସିଲା ଅତିଥି ଚୟନକୁ ନେଇ। ଭୁବନେଶ୍ୱର ଆସି କବି ରମାକାନ୍ତ ରଥଙ୍କୁ ଦେଖାକଲି। ସେ ବି ମୋତେ ପନ୍ଦର ଦିନ ସମୟ ମାଗିଲେ ଓ ଲେଖା ମନକୁ ପାଇଲେ ଯାଇ ଅନୁଗୋଳ ଯିବେ





ନଚେତ୍ ଏତେ ଗୁଡ଼ାଏ ବାଟ କାହିଁକି ଯିବେ? ପନ୍ଦର ଦିନ ପରେ ସାର୍‌ଙ୍କ ପାଖକୁ ଆସିଲି। ସାର୍‌ଙ୍କ ମନ ଖାଲି ମାନି ନ ଥିଲା, ମୋତେ ଅନେକ ଆଶୀର୍ବାଦ ବି ଦେଇଥିଲେ। ମୋତେ ଲାଗିଲା ବନ୍ଧୁ ପ୍ରଫୁଲ୍ଲ ଗିରି ବୋଧହୁଏ ଠିକ୍ କହୁଥିଲେ- ହଁ, ମୋ' କବିତାରେ କିଛି ଭିନ୍ନତାର ଛାଇଛାଇ ଚିହ୍ନ ମୋତେ ଦେଖାଯାଉଥିଲା। ଯାହା କେହି ଲେଖୁ ନ ଥିଲେ ତାହା ମୁଁ ଲେଖୁଥିଲି।




ରମାକାନ୍ତ ରଥ କହିଥିଲେ- ''ଅରୁଣ! ତୁମ କବିତାରେ ଏକ ଶୈଳୀ ଅଛି। କିଛି କବିତା ଲେଖିସାରିବା ପରେ ତୁମେ ତୁମ ଶୈଳୀକୁ ଜାଣିପାରିବ। ଗୋଟିଏ କଥା ମୋର ମାନିବ, କବିତା ଛଡ଼ା ଆଉ କିଛି ଲେଖିବ ନାହିଁ।''

ଲୋକାର୍ପଣର ଦିନ ଆସିଲା। ମୋ' ବହି ଆଜି ଲୋକଲୋଚନକୁ ଆସିବ। ଏହାର ପୁଲକ ମୋର ସମଗ୍ର ଜୀବସତ୍ତାକୁ ମୋହାଚ୍ଛନ୍ନ କରି ରଖିଥାଏ। ଅତିଥିମାନେ ଆସି ସାରିଥା'ନ୍ତି। ନାଲ୍‌କୋନଗରର ପ୍ରେକ୍ଷାଳୟ ସାହିତ୍ୟିକ ଓ ମୋର ବନ୍ଧୁମାନଙ୍କ ଗହଣରେ ଭରପୂର। ଖବର ଆସିଲା ବାପାଙ୍କର ଷ୍ଟ୍ରୋକ୍। କଟକ ଅଣାଯାଉଛି। ମୁଁ ସଭା ଛାଡ଼ି କଟକ ଧାଇଁଲି। ପ୍ରକାଶକ ତଥା ବନ୍ଧୁମାନଙ୍କୁ ଦାୟିତ୍ୱ ଦେଇ ଗଲି ମୋ' ଅନୁପସ୍ଥିତିରେ ବହି ଲୋକାର୍ପଣ କରିଦେବା ପାଇଁ। ଅଧା ରାସ୍ତାରେ ଖବର ଆସିଲା ବାପା ଚାଲିଗଲେ। ଅତିଥିମାନେ ଥମ୍ ହୋଇ ବସିଗଲେ ଓ ତା'ପରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପରେ ସଭା ସମାପ୍ତ କରିଦିଆଗଲା। ଯେଉଁ ପୁସ୍ତକର ନାମ 'ଅଣନାୟକ', ସତରେ ସେ ଅଣନାୟକ ହୋଇଗଲା।

# ପାଲା ସମ୍ପର୍କିତ ପ୍ରବନ୍ଧ ଚେତନା ଜାଗ୍ରତକାରୀ...




ମହାଶୟ,

✻ ୪ରୁ ୧୭ ସେପ୍ଟେମ୍ବର ୨୦୧୯ ଧରିତ୍ରୀ 'ସାହିତ୍ୟାୟନ'ରେ ପ୍ରକାଶିତ ପ୍ରଚ୍ଛଦ ପୃଷ୍ଠା ଅତିସୁନ୍ଦର। ଗୀତିକବି ତଥା ଶିକ୍ଷକ ତ୍ରିଲୋଚନ ଦାସଙ୍କ ପ୍ରଥମ ବହି 'ସଞ୍ଜ ନଇଁଗଲା ପରେ'ରେ ତାଙ୍କର ଅନୁଭୂତି ଏବଂ ସତିଶ୍ ପାଣ୍ଡେଙ୍କ 'ଠୁଙ୍ଗା' ଗଳ୍ପ ଭଲ ଲାଗିଲା। ପ୍ରତିଭାବନ୍ତ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ 'ପାଲା ଲୋକଗୀତ କି?' ଆଲୋଚନାମୂଳକ ପ୍ରବନ୍ଧଟି ପାଠକରି ପାଲା ଜ୍ଞାନ/ ସାହିତ୍ୟ/ ସଙ୍ଗୀତ/ ସଂସ୍କୃତି ଆଧାର ହେବା ସତ୍ତ୍ୱେ ଏହାର ପରିଚୟକୁ କେବଳ 'ଲୋକଗୀତ' ମଧ୍ୟରେ ସୀମିତ ରଖାଯିବା ଦୁଃଖଦାୟକ ମନେହେଲା। ସତ୍ୟନାରାୟଣ ପୂଜା ବାଦୀପାଲା ମୁସଲମାନ ରାଜତ୍ୱ ପୂର୍ବରୁ ରହିଛି। ପାଲାକୁ ତା'ର ଯଥାଯୋଗ୍ୟ ମାନ୍ୟତା ମିଳିବା ଦରକାର। ପ୍ରଦୀପ ନାୟକ ଖୁବ୍ ଜୀବନ୍ତ କରି ତାଙ୍କ ଗଳ୍ପଟି ଲେଖିଥିଲେ ବି ଏଥିରେ ଥିବା 'ଅବିଜା', 'ପର ଘଇତା' ଆଦିର ବ୍ୟବହାର ଭଲଲାଗିଲା ନାହିଁ। ଗଳ୍ପର ଶେଷ ଅଂଶ ଅବୁଝା ଲାଗିଲା। 'ହସ ବିନା ଖୁସି' ଆମ ସମାଜର ମାଣବସା/ ଉଜୁଆଁ ନିୟମରେ ବିବାହିତା ଝିଅ ଏ ଭୋଗ ଖାଇବା ମନା ବୋଲି ଲେଖାଅଛି, ମାତ୍ର ଖୁସିକୁ ବାରଣ ଲେଖା ଠିକ୍ ଲାଗିଲା ନାହିଁ। ବର୍ଷା ବିଷୟକ କବିତା ସମୂହ ବିଶେଷତଃ 'ଗୀତି-କବିତା' ''ବରଷି ବରଷି ଯାଆ ଆଷାଢ଼'' ବହୁତ ଆନନ୍ଦ ଦେଲା। ତୁଳସୀକ୍ଷେତ୍ର କବୟିତ୍ରୀ ପାର୍ବତୀ ନାୟକଙ୍କ 'ପହିଲି ପୁଲକ' ଅଭିଜ୍ଞତା ସମସ୍ତଙ୍କ ଅନୁଭବ ପରି। 'ପୁସ୍ତକ ପରିଚୟ'ରୁ ମୂଲ୍ୟବାନ୍ ବହିଗୁଡ଼ିକ ସମ୍ବନ୍ଧରେ ଜାଣିଲି।

***– ଶ୍ରୀ ରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡ଼ା, ଗବକୁଣ୍ଡ, ପୁରୀ***

✻ ୨୧ ଅଗଷ୍ଟ-୩ ସେପ୍ଟେମ୍ବର, ୨୦୧୯ ସଂଖ୍ୟା 'ସାହିତ୍ୟାୟନ' ଆମର ହସ୍ତଗତ ହେଲା। 'ଦେଶେଦେଶେ' ପୃଷ୍ଠାରେ ସ୍ଥାନିତ ଇଂରାଜୀ ଲେଖିକାଙ୍କ ଉକ୍ତିଟି ଲେଖିକା/ଲେଖକଙ୍କ ପାଇଁ ପ୍ରେରଣାର ଉତ୍ସ। ସୁନୀତି ଦେବୀଙ୍କ ଗଳ୍ପ ଚମତ୍କାର ହୋଇଛି। ଅନୂଦିତ ଗଳ୍ପ 'ଟାଙ୍ଗାବାଲା' ଭଲ ଲାଗିଲା। କବିତାଗୁଡ଼ିକ ସୁଖପାଠ୍ୟ ହୋଇଛି।

***– ଅରୁଣ କୁମାର ନାୟକ, ମାନସ କୁମାର ଯେନା, ଏରେଇଁ, ଚରମ୍ପା, ଭଦ୍ରକ***

✻ ୪-୧୭ ସେପ୍ଟେମ୍ବର ୨୦୧୯ 'ସାହିତ୍ୟାୟନ' ପାଇଲି। ପାଲା ଏମିତି ଏକ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ, ଯାହା ମାଧ୍ୟମରେ ସାହିତ୍ୟ ଆଲୋଚନା ହୁଏ। ସାହିତ୍ୟକୃତିର ସମୀକ୍ଷା, କାବ୍ୟ କବିତାର ସମୀକ୍ଷା ଅର୍ଥ ଉପସ୍ଥାପନ ଗାୟକ ଗାନ ମାଧ୍ୟମରେ କରିଥା'ନ୍ତି, ଯାହାକୁ ଶିକ୍ଷିତଠାରୁ ଅଶିକ୍ଷିତ ଯାଏଁ ଦେଖିପାରିବେ। ବହୁ ବ୍ୟକ୍ତିଙ୍କର ପାଲା ହେଉଛି ଯୌବନର ରୋମାଞ୍ଚ ସ୍ମୃତି। ଏଥର 'ସାହିତ୍ୟାୟନ'ରେ ପାଲା ବିଷୟରେ ଗାୟକ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ଆଲୋଚନା ହୃଦୟସ୍ପର୍ଶୀ। ଏହାପରେ 'ମୁଁ ଗୋଖାଛୁଆ', 'ହସ ବିନା ଖୁସି' ଦୁଇଟି ଗପ ମୋତେ ହୃଦୟସ୍ପର୍ଶୀ ମନେହେଲାନି। ସତିଶ୍ ପାଣ୍ଡେଙ୍କ 'ଠୁଙ୍ଗା' ଗଳ୍ପଟି କିନ୍ତୁ ବେଶ୍ ହୃଦୟସ୍ପର୍ଶୀ। ଜଣେ ଅନ୍ଧ ଠୁଙ୍ଗା ତିଆରି କରି କିପରି ସମ୍ମାନର ସହ ବଞ୍ଚିପାରେ, ଏହା ତହିଁରୁ ଶିଖିବାକୁ ମିଳିଲା। ଏହି ଲେଖା ନିଶ୍ଚିତ ଭାବେ ଏକ କାଳ୍ପନିକ ଲେଖା, କିନ୍ତୁ ବାସ୍ତବ ଭଳି ମନେହେଲା। ଗାଳ୍ପିକଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ। ଚିନ୍ମୟୀ ପଣ୍ଡା, ପ୍ରଦୀପ ନାୟକଙ୍କୁ ବି ଧନ୍ୟବାଦ।

***– ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ***

✻ ୨୧ ଅଗଷ୍ଟ ୨୦୧୯ ସଂଖ୍ୟାରେ ପ୍ରକାଶିତ 'ସାହିତ୍ୟାୟନ' ପତ୍ରିକା ପାଠକଲି। ଏହି ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠାକୁ ପାଠକରି ଓଡ଼ିଆ ସାହିତ୍ୟ ଜଗତର ସ୍ୱନାମଧନ୍ୟା ସୁଶ୍ରୀ ସୁନୀତି ଦେବୀଙ୍କ ବ୍ୟକ୍ତିଗତ ଜୀବନୀ ତଥା ସାହିତ୍ୟିକ ଜୀବନୀ ଏବଂ ଉକ୍ତ ସାହିତ୍ୟକୃତି ନିମନ୍ତେ ସୁଶ୍ରୀ ସୁନୀତି ଦେବୀ ଅର୍ଜନ କରିପାରିଥିବା ଅନେକ ଉଲ୍ଲେଖନୀୟ ସମ୍ମାନ ସମ୍ପର୍କରେ ଅବଗତ ହେଲି। ସୁନୀତି ଦେବୀଙ୍କ 'ଦେବୀ' ଶୀର୍ଷକ ଗଳ୍ପଟି ଶିକ୍ଷଣୀୟ ତଥା ମର୍ମସ୍ପର୍ଶୀ ହୋଇପାରିଛି। 'ରମ୍ୟ ରଚନା' ସ୍ତମ୍ଭରେ ଡକ୍ଟର ସୁଲୋଚନା ଦାସଙ୍କ 'ମାଆ' ଉଚ୍ଚକୋଟୀର। କବିତା ପୃଷ୍ଠାରେ ଡ. ମନୋରଞ୍ଜନ ଦାଶଙ୍କ ରଚିତ 'ବୋଉ' ଶୀର୍ଷକ କବିତା ଏବଂ ନିଶିପଦ୍ମା ଶୁଭଦର୍ଶନୀଙ୍କ 'ନଷ୍ଟଚିତ୍ର' ଶୀର୍ଷକ କବିତା ମଧ୍ୟ ବେଶ୍ ହୃଦୟସ୍ପର୍ଶୀ। ଗଳ୍ପ ପୃଷ୍ଠାରେ ଗାଳ୍ପିକା ଝରଣା ପଟ୍ଟନାୟକଙ୍କ ଲେଖନୀ ନିଃସୃତ 'ପ୍ରେମିକ ବର୍ଷା' ଗଳ୍ପଟି ଅତୀବ ବାସ୍ତବଧର୍ମୀ ହୋଇପାରିବା ସହିତ ଉକ୍ତ ପତ୍ରିକାରେ ସ୍ଥାନିତ ଅନ୍ୟାନ୍ୟ ସମସ୍ତ ଆଲେଖ୍ୟ ପଠନୀୟ ହୋଇପାରିଛି।

***– ବିଜୁ ସାହୁ, ଖଣ୍ଡାଏତା, କଟକ-୧୧***

✻ ୧୮ ସେପ୍ଟେମ୍ବର-୧ ଅକ୍ଟୋବର, ୨୦୧୯ ସଂଖ୍ୟା 'ସାହିତ୍ୟାୟନ'ରେ ସ୍ଥାନିତ ହେମନ୍ତ କୁମାର ମହାପାତ୍ରଙ୍କ ଗଳ୍ପ 'ଅସହାୟ ଗଜପତି' ଓଡ଼ିଶା ଇତିହାସର ଏକ ଦୁଃଖଦ ଅଧ୍ୟାୟକୁ ପାଠକର ଦୃଷ୍ଟି ଅଡ଼େଇ ନିଏ। ଏହିଭଳି ଐତିହାସିକ ଗଳ୍ପ ନିୟମିତ ପ୍ରକାଶ କଲେ ଏବର ପିଢ଼ି ଓଡ଼ିଶାର ଅଜ୍ଞାତ ଇତିହାସ ସମ୍ପର୍କରେ ଧାରଣା କରିପାରିବେ। ନୀତା ବର୍ମାଙ୍କ ହିନ୍ଦୀ ଗଳ୍ପ 'ମୋହରା' ଅନୁବାଦରେ ମଧ୍ୟ ତାର ମୌଳିକତା ପ୍ରକଟ କରିପାରିଛି। 'ସୃଜନ-ସ୍ମୃତି'ରେ କୃଷ୍ଣ କୁମାର ମହାନ୍ତିଙ୍କ ଉପସ୍ଥାପନା ଉଚ୍ଚମାନର ହୋଇଛି। କବିତାରେ କେଦାର ମିଶ୍ର ଓ ଶ୍ରୀଦେବଙ୍କ ସାଙ୍ଗକୁ ଅନସୂୟା ପଣ୍ଡାଙ୍କ କବିତା ସୁନିର୍ବାଚିତ। ସୁଶୀଲ କୁମାର ବାଗ୍‌ଙ୍କ 'ପହିଲି ପୁଲକ' ଓ ସ୍ୱର୍ଣ୍ଣଲତା ମହାପାତ୍ରଙ୍କ 'ପ୍ରଥମ ବହି' ଅନୁଭୂତି ସୃଜନଧର୍ମୀ ହୋଇଥିବାରୁ ପାଠକଙ୍କୁ ପଠନ ସୁଖ ମିଳେ। 'ପୁସ୍ତକ ପରିଚୟ'ରେ 'ସାହିତ୍ୟାୟନ' ଓଡ଼ିଶାର ଅନ୍ୟ ଖବରକାଗଜଠାରୁ ନିଆରା ଓ ବରାବର ଆଗରେ।

**– ସୁଦର୍ଶନ ପଟ୍ଟନାୟକ, ବ୍ରହ୍ମପୁର**

ସାହିତ୍ୟାୟନ
**ଲେଖା ପଠାଇବାର ଠିକଣା**
ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ବ୍ୟକ୍ତି ନୁହେଁ, ଜାତି ହିଁ ଭାଷାର ସ୍ରଷ୍ଟା

ଡ. ଅନ୍ତର୍ଯ୍ୟାମୀ ମିଶ୍ର

**ଡ. ଅନ୍ତର୍ଯ୍ୟାମୀ ମିଶ୍ର ଏକାଧାରରେ ଜଣେ ଗବେଷକ, ଭାଷାବିଜ୍ଞାନୀ, ବାଗ୍ମୀ, ସ୍ତମ୍ଭକାର, ଜ୍ୟୋତିର୍ବିଜ୍ଞାନୀ ଓ ବାସ୍ତୁ ବିଶାରଦ। ଅଦ୍ୟାବଧି ତିରିଶଟି ଗ୍ରନ୍ଥର ସ୍ରଷ୍ଟା, ଯହିଁରୁ ନଅଟି 'ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା' ଦ୍ୱାରା ପ୍ରକାଶିତ ହୋଇ ପାଠକୀୟ ଆଦୃତି ଲାଭ କରିଛି। ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ରୂପେ ପ୍ରତିପାଦିତ କରିବାରେ ପଥିକୃତ୍ ଉଦ୍ୟମ କରିଥିବାରୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଡ. ମିଶ୍ରଙ୍କୁ ସମ୍ମାନଜନକ ଡି.ଲିଟ୍ ଉପାଧିରେ ଭୂଷିତ କରିଛନ୍ତି। ଶାସ୍ତ୍ରୀୟ ଓଡ଼ିଆ ଭାଷାରେ ଉଲ୍ଲେଖନୀୟ ଗବେଷଣା ଓ ଗ୍ରନ୍ଥ ରଚନା ପାଇଁ ଜାତୀୟସ୍ତରରେ 'ରାଷ୍ଟ୍ରପତି ପୁରସ୍କାର' ନିମିତ୍ତ ମନୋନୀତ ଏହି ଲେଖକ ଏଥର 'ସାହିତ୍ୟାୟନ'ର 'ସୃଜନ-ଆଳାପ'ରେ...**

**ପ୍ର: ଓଡ଼ିଆ ଭାଷାକୁ ଗବେଷଣାତ୍ମକ ଅବଦାନ ପାଇଁ ପ୍ରଥମ ଓଡ଼ିଆ ଭାବେ 'ରାଷ୍ଟ୍ରପତି ପୁରସ୍କାର' ଲାଗି ଆପଣ ମନୋନୀତ ହୋଇଛନ୍ତି। କହିବେ କି, ଓଡ଼ିଆ ଭାଷାର ଶାସ୍ତ୍ରୀୟ ସ୍ୱରୂପଟି କ'ଣ?**

ଉ: ଭାଷା ନଦୀ ସଦୃଶ। ନଦୀ ଯେପରି ଅବିଚ୍ଛିନ୍ନ ପ୍ରବହମାନତାରେ ଆବିଳ ଜଳକୁ ପରିଶୁଦ୍ଧ କରିଥାଏ, ଭାଷା ସେହିପରି ତା'ର ଅଖଣ୍ଡ ପ୍ରବାହ ଧାରାରେ ନିଜର ଅସ୍ୱଚ୍ଛତା ପରିହାର କରି ରୁଚିକର ଓ ବିଭବବନ୍ତ ହୋଇଥାଏ। ଏହା ହିଁ ଭାଷାର ଶାସ୍ତ୍ରୀୟ ପରିଣତି। ଋକ୍ ବେଦ ପଞ୍ଚମ ମଣ୍ଡଳରେ କୁହାଯାଇଛି- ''ସମ୍ୟକ୍ ସ୍ରବନ୍ତି ନ ଧେନୁ ଅନ୍ତହୃଦା ପୂୟମାନା।'' ସାଧାରଣତଃ ପ୍ରାଚୀନ ଓ ଉତ୍କୃଷ୍ଟ ଭାଷାକୁ ଶାସ୍ତ୍ରୀୟ ଭାଷା କୁହାଯାଏ। ଭାରତ ସରକାର ଶାସ୍ତ୍ରୀୟ ଭାଷାର ଚାରିଟି ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି। ଯଥା: ୧୫୦୦ରୁ ୨୦୦୦ ବର୍ଷର ଲିପିବଦ୍ଧ ଐତିହ୍ୟ, ମହତ୍ତ୍ୱପୂର୍ଣ୍ଣ ସାରସ୍ୱତ-ପରମ୍ପରା, ଅନ୍ୟ ଭାଷା-ସାହିତ୍ୟର ଅନୁକରଣ ରହିତ ଓ ପ୍ରାଚୀନ ଆଧୁନିକ ରୂପ ମଧ୍ୟରେ ଅମେଳ। ଶିଳାଲେଖ, ତାମ୍ରଲେଖ ଓ ପ୍ରାଚୀନ ସାହିତ୍ୟରେ ଓଡ଼ିଆ ଭାଷାର ଯେଉଁ ପ୍ରାଥମିକ ରୂପ ରହିଥିଲା, ତାହା କ୍ରମ ବିକଶିତ ଧାରାରେ ଆଧୁନିକ ରୂପ ଧାରଣ କରିଥିବାରୁ ପ୍ରାଚୀନ ରୂପ ଓ ଆଧୁନିକ ରୂପ ମଧ୍ୟରେ ସାମଞ୍ଜସ୍ୟ ରହିନାହିଁ। ଅତଏବ ଓଡ଼ିଆ ଏକ ବିକାଶଶୀଳ ପ୍ରାଚୀନ ଓ ଉତ୍କୃଷ୍ଟ ଭାଷା। ଭାରତ ସରକାରଙ୍କ ନିର୍ଦ୍ଧାରିତ ଚାରିଗୋଟି ମାନଦଣ୍ଡ ପୂରଣ କରିପାରିଥିବାରୁ ଏହା ଏକ ଶାସ୍ତ୍ରୀୟ ଭାଷା।

**ପ୍ର: ଆପଣ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉପରେ କେବେ ଗବେଷଣା ଆରମ୍ଭ କଲେ?**

ଉ: ମୁଁ ୧୯୮୦ ମସିହାରୁ ବିଭିନ୍ନ ପ୍ରବନ୍ଧରେ ଓଡ଼ିଆ ଭାଷାର ପ୍ରାଚୀନତା ପ୍ରମାଣ କରିବାକୁ ଚେଷ୍ଟା କରିଆସିଛି। କାରଣ ଖ୍ରୀଷ୍ଟପୂର୍ବ କାଳରେ ରଚିତ ପାଣିନିଙ୍କ ଅଷ୍ଟାଧ୍ୟାୟୀ, ବୋଧାୟନ ଧର୍ମସୂତ୍ର, ଭରତଙ୍କ ନାଟ୍ୟଶାସ୍ତ୍ର, କାତ୍ୟାୟନଙ୍କ ବାର୍ତ୍ତିକ ଓ ପତଞ୍ଜଳିଙ୍କ ମହାଭାଷ୍ୟ ପ୍ରଭୃତିରେ ଓଡ଼ିଆ ଭାଷାର ସୂଚନା ରହିଛି। ଏହି ଦୃଷ୍ଟିକୋଣରୁ ଓଡ଼ିଆ ଏକ ପ୍ରାଚୀନ ଭାଷା। ଅଥଚ ସଭିଏଁ ଏହାକୁ ଆଧୁନିକ ଭାରତୀୟ ଆର୍ଯ୍ୟ ଭାଷା କହୁଛନ୍ତି। ଏଥିପାଇଁ ମୁଁ ଅନେକ ସମୟରେ କ୍ଷୋଭ ପ୍ରକାଶ କରିଛି। ୨୦୦୪ରେ ଭାରତ ସରକାର ଶାସ୍ତ୍ରୀୟ ଭାଷା ନିମିତ୍ତ ବିଜ୍ଞପ୍ତି ପ୍ରକାଶ କଲେ ଏବଂ ୨୦୦୬ରେ ସଂଶୋଧିତ ବିଜ୍ଞପ୍ତି ପ୍ରକାଶ ପାଇଲା। ୨୦୦୬ରୁ ମୁଁ ବିଭିନ୍ନ ପତ୍ରପତ୍ରିକାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉପରେ ଲେଖିବା ସହିତ ୨୦୦୯ରେ ''ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା'' ସନ୍ଦର୍ଭ ରଚନା କଲି। ଭାରତ ସରକାର ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଘୋଷଣା କରିବାର ବହୁ ପୂର୍ବରୁ ଏହି ଗ୍ରନ୍ଥ ''ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା'' ଦ୍ୱାରା ପ୍ରକାଶିତ ହୋଇ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ, ଗବେଷିକାଗବେଷକ ଓ ସାଧାରଣ ପାଠକଙ୍କ ଆଦୃତି ଲାଭ କରିଛି।

**ପ୍ର: ଭାରତ ସରକାର ଶାସ୍ତ୍ରୀୟ ଭାଷା ନିମିତ୍ତ ପୁରସ୍କାର କେବେଠାରୁ ତଥା କେଉଁ ପ୍ରକ୍ରିୟାରେ ପ୍ରଦାନ କରୁଛନ୍ତି?**

ଉ: ୨୦୧୬ ମସିହାରୁ ଭାରତ ସରକାରଙ୍କ ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଦଶଟି ଶାସ୍ତ୍ରୀୟ ଭାଷା ପାଇଁ ପୁରସ୍କାର ପ୍ରଦାନ କରୁଛନ୍ତି। ସେହି ୧୦ଟି ଶାସ୍ତ୍ରୀୟ ଭାଷା ହେଲା- ସଂସ୍କୃତ, ତାମିଲ, ମାଲାୟାଲମ, କନ୍ନଡ଼, ତେଲୁଗୁ, ଓଡ଼ିଆ, ଆରବିକ, ପାର୍ଶୀ, ପାଳି ଓ ପ୍ରାକୃତ ଭାଷା। ତନ୍ମଧ୍ୟରୁ ଓଡ଼ିଆ ହେଉଛି ୧୦ମ ଶାସ୍ତ୍ରୀୟ ଭାଷା ତଥା ୪ର୍ଥ ଆର୍ଯ୍ୟ ଶାସ୍ତ୍ରୀୟ ଭାଷା। ସଂସ୍କୃତ ଭାଷା ପାଇଁ ୧୫ଟି ପାଞ୍ଚଲକ୍ଷ ଅର୍ଥରାଶିର ପୁରସ୍କାର ଓ ଅନ୍ୟାନ୍ୟ ୯ଟି ଶାସ୍ତ୍ରୀୟ ଭାଷା ପାଇଁ ୩ଟି ଲେଖାଏଁ ପାଞ୍ଚଲକ୍ଷ ଅର୍ଥରାଶିର ପୁରସ୍କାର ଉଦ୍ଦିଷ୍ଟ। ୨୦୧୯ ନିମିତ୍ତ ସଂସ୍କୃତ ଭାଷାର ୧୫ ଜଣ, ଆରବିକ ଭାଷାର ୩ ଜଣ, ପାର୍ଶୀ ଭାଷାର ୨ ଜଣ ଏବଂ ତେଲୁଗୁ, ତାମିଲ, ଓଡ଼ିଆ, ମାଲାୟାଲମ, କନ୍ନଡ, ପାଳି ଓ ପ୍ରାକୃତ ଭାଷାର ଜଣେ ଲେଖାଏଁ ଏ ରୂପେ ମୋଟ ୨୭ ଜଣ ଭାଷାତତ୍ତ୍ୱବିତ୍ ମନୋନୀତ ହୋଇଛନ୍ତି।

**ପ୍ର: ରାଷ୍ଟ୍ରପତି ପୁରସ୍କାର ପାଇଁ ମନୋନୀତ ହେବା ପରେ ଆପଣଙ୍କ ପ୍ରତିକ୍ରିୟା କ'ଣ?**

ଉ: ଭାଷା କୌଣସି ବ୍ୟକ୍ତିର ନୁହେଁ। ଜାତି ହିଁ ଭାଷାର ସ୍ରଷ୍ଟା। ଏହି ପୁରୋଦୃଷ୍ଟିରେ ଏ ସମ୍ମାନ ମୋର ନୁହେଁ, ଓଡ଼ିଆ ଜାତିର। ମୁଁ ରାଷ୍ଟ୍ରପତି ପୁରସ୍କାର ପାଇବା ଆଶାରେ ଶାସ୍ତ୍ରୀୟ ଓଡ଼ିଆ ଭାଷାର ପୁସ୍ତକ ରଚନା କରୁ ନ ଥିଲି। ଆମ ଭବିଷ୍ୟତ ବଂଶଧର ଅର୍ଥାତ୍ ଛାତ୍ରୀଛାତ୍ର ପଢ଼ିବା ନିମିତ୍ତ ମୁଁ ଶାସ୍ତ୍ରୀୟ ଭାଷା ଆଧାରିତ ଓଡ଼ିଆ ଭାଷା, ଜାତି ଓ ଜାତୀୟତା, ଓଡ଼ିଆ-ଏକ ଶାସ୍ତ୍ରୀୟ ଭାଷା, ଓଡ଼ିଆ ଭାଷାର ଇତିହାସ, ମୌଳିକ ଓଡ଼ିଆ ଭାଷା ତତ୍ତ୍ୱ ଓ ଭାଷାନୁଚିନ୍ତା ପ୍ରଭୃତି ପୁସ୍ତକ ରଚନା କରିଛି। ପୁରସ୍କାର ମିଳିବା ଦ୍ୱାରା ମୋର ଉତ୍ତର ଦାୟିତ୍ୱ ବଢ଼ିଲା। ମୁଁ ମୌଳିକ ଓଡ଼ିଆ ବ୍ୟାକରଣ ଓ ଓଡ଼ିଆ ଭାଷା ବିଜ୍ଞାନ ରଚନାରେ ବ୍ରତୀ ହେବି।



**ପ୍ର: ଓଡ଼ିଆ ଭାଷାର ବିକାଶ ନିମିତ୍ତ କି କି ପଦକ୍ଷେପ ନିଆଯାଇ ପାରିବ?**

ଉ: ଓଡ଼ିଆ ଭାଷାର ବିକାଶ ନିମିତ୍ତ ଓଡ଼ିଶା ସରକାର ଅଦ୍ୟାବଧି କୌଣସି ପଦକ୍ଷେପ ନେଇନାହାନ୍ତି। ସରକାର ଭାଷା ଉପରେ କାମ କରୁଥିବା ବ୍ୟକ୍ତିଙ୍କ ପରାମର୍ଶ ନ ନେଇ କିଛି ଭାଷା ଅନଭିଜ୍ଞ ବ୍ୟକ୍ତିଙ୍କୁ ବିଭିନ୍ନ କମିଟିରେ ରଖିଛନ୍ତି। ଓଡ଼ିଆ ଭାଷାର ବିକାଶ ନିମିତ୍ତ ସରକାରୀ ସ୍ତରରେ କୌଣସି ଯୋଜନାୟିତ ପ୍ରଚେଷ୍ଟା ନାହିଁ। କେବଳ ସଭା, ସମିତି, ପୁସ୍ତକମେଳା କରିଦେଲେ ଭାଷାର ବିକାଶ ହେବ ନାହିଁ। ସାମାଜିକ, ଶୈକ୍ଷିକ, ପ୍ରଶାସନିକ ଓ ବାଣିଜ୍ୟିକ କ୍ଷେତ୍ରରେ ଭାଷାର ବ୍ୟାପକ ବ୍ୟବହାର ହେଲେ ଯାଇ ଭାଷାର ଜୀବନୀଶକ୍ତି ବୃଦ୍ଧି ପାଇବ। ସେ ଦିଗରେ ପ୍ରଚେଷ୍ଟା ନାହିଁ, ଆମ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଭାଷା ବିଜ୍ଞାନ ପଢ଼ାଯାଉ ନାହିଁ ବା କେହି ଭାଷା ଉପରେ ଗବେଷଣା କରୁନାହାନ୍ତି। ୧୯୨୦ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଏମ୍.ଏ. ପାଠ୍ୟକ୍ରମ ଆରମ୍ଭ ହୋଇଥିଲା। ଚଳିତବର୍ଷ ଏହାର ଶତବାର୍ଷିକୀ। କିନ୍ତୁ ଏ ସମ୍ପର୍କରେ କାହାରି କୌଣସି ଉତ୍ସୁକତା ନାହିଁ। ସ୍ନାତକୋତ୍ତର ଓଡ଼ିଆ ଶିକ୍ଷାର ଶହେ ବର୍ଷ ବିତି ଯାଇଥିଲେ ହେଁ ଭାଷା ଅଦ୍ୟାବଧି ବିଶ୍ୱବିଦ୍ୟାଳୟ ଭିତରକୁ କ୍ୱଚିତ୍ ପଶିପାରିଛି।

*- ପ୍ରଶ୍ନ ଓ ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ*

---

# ବଡ଼ପୁଅ

ଡ. ନରେନ୍ଦ୍ର ସେଠୀ



ବହୁତ ଚିନ୍ତା କଲା ପରେ ବଡ଼ପୁଅ ଠିକ୍ କଲା ଏଣିକି ସେ ନିଜ ଉପରେ ରାଗିବ। ଏ ପର୍ଯ୍ୟନ୍ତ ସେ ଅନ୍ୟମାନଙ୍କ ଉପରେ ରାଗି ଆସୁଥିଲା। ବାପାଙ୍କ ତ୍ୟଜ୍ୟ ପୁତ୍ର ହେବାଯାଏଁ କଥା ଯାଇଥିଲା। ଯଦିବା ବୋଉ ପାଇଁ ବାପା ସେଦିନ ଶାନ୍ତ ପଡ଼ିଥିଲେ, ତଥାପି ବୋଉକୁ ବି କମ୍ ପାଣି ପିଏଇନି ସେ। ଏମିତି କେତେଥର ଲୁଚିଲୁଚି ବୋଉକୁ କାନ୍ଦିବାର ଦେଖିଛି। ଯଦିବା ନିଜ ଭୁଲ ପାଇଁ ଅନୁତାପ କରିଛି, ହେଲେ କେବେ ଖୋଲିକି କହିପାରିନି ବଡ଼ ପୁଅ।

ଏଇ ବୋଉ ତ ପିଲାଦିନେ ତାକୁ ଧୁମ୍ ପିଟୁଥିଲା। ବାଲୁଙ୍ଗା, କୁଳାଙ୍ଗାର ଘରୁ ବାହାରିଯା' ବୋଲି କହୁଥିଲା। ସବୁଥର ତା' ବଦଳରେ ବଡ଼ ପୁଅ ବୋଉର ଆଶୁ ମୃତ୍ୟୁ କାମନା କରୁଥିଲା। ଯଦିଓ ସେଥିରେ ବୋଉର କିଛି ବି ହଉ ନ ଥିଲା। ଯେମିତି ବୋଉର ହଜାରେ ଗାଳି ମନ୍ଦରେ ବଡ଼ପୁଅର ବି ରୁମ ବଙ୍କା ହଉ ନ ଥିଲା। ବୋଉ କି ବାପା ସାନ ଭଉଣୀ ଉପରେ କେହି ରାଗୁ ନ ଥିଲେ। ସେଇ ଈର୍ଷାରେ ତାକୁ ଅଯଥାରେ ହଇରାଣ କଲେ ବି ସେ ସବୁ ବର୍ଷ ରାଖୀ ବାନ୍ଧୁଥିଲା। ଘରେ ରାଗି ଉପାସ ଥିଲା ବେଳେ ବୋଉକୁ ଲୁଚେଇ ପଖାଳ କଂସା ବାଢ଼ି ଦେଉଥିଲା। ଆଜି ବଡ଼ ହେବା ପରେ ବଡ଼ପୁଅର ସ୍ୱଭାବ ବି ସେମିତି ପିଲାଳିଆ। ଭଉଣୀର ବାହା ବୟସ। ବାପା ବୁଢ଼ା। ବୋଉର ଆଖି ଦି'ଟା ବେକାର ହେଲାଣି। ତ... ବଡ଼ପୁଅ ଏତେ ଦିନ ପରେ ଭାବୁଛି ନିଜ ଉପରେ ରାଗିବ। ଖବରକାଗଜରେ ଏକ ଇସ୍ତାହାର ଦେଖି ବଡ଼ପୁଅ ମୁରୁକି ହସୁଥିଲା। କେହି ଜଣେ ବ୍ୟକ୍ତି କିଡ୍‌ନୀ ଦରକାର କରୁଛି। ବଡ଼ପୁଅ ଶେଷଥର ପାଇଁ ବୋଉ ଉପରେ ରାଗିଲା। ବାପାଙ୍କୁ କଥା କହିଲାନି। ଭଉଣୀର ଚୁଟିକୁ ଭିଡ଼ି ରାଗ ତମତମ ହେଇ ସବୁଦିନ ପରି ଘରୁ ବାହାରି ଗଲା। ଦିନ କେଇଟା ପରେ ବଡ଼ପୁଅ ଘରକୁ ଫେରିଲା। କେଇ ବିଡ଼ା ନୋଟ୍ ବୁଢ଼ା ବାପ ଆଗରେ ଥୋଇଦେଇ ମୁରୁକି ହସିଲା। କୁଳାଙ୍ଗାର ପୁଅ ହସୁଛି। ବୋଉ ବି ମୁରୁକି ହସିଲା। ସାନ ଭଉଣୀର ବାହାଘର ପାଇଁ ବର ଖୋଜିଲା। ଧୁମ୍‌ଧାମରେ ବାହାଘର ହେଲା। ଏବେ ବଡ଼ପୁଅ ଉପରେ ସମସ୍ତେ ଖୁସି। ଖାଲି ଯାହା ବଡ଼ପୁଅର ତଳି ପେଟରେ ସାମାନ୍ୟ ଯନ୍ତ୍ରଣା ହଉଥିଲା। ଆଉ ଡାକ୍ତର ତାକୁ ରାଗିବାକୁ ମନା କରିଥିଲା।

-ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ର
ପରିବେଶ ନିରୀକ୍ଷଣ ପରୀକ୍ଷାଗାର, ଯାଦୁଗୁଡ଼ା, ପଶ୍ଚିମସିଂହଭୂମ, ଝାଡ଼ଖଣ୍ଡ

## ସ୍ମରଣୀୟ

'ଧର୍ମଚକ୍ର' କଇଳାଶ ପଟ୍ଟନାୟକଙ୍କ ଲିଖିତ ସମ୍ଭବତଃ ସବୁଠୁଁ ଚର୍ଚ୍ଚିତ ଗଳ୍ପ। ବାଂଲାଦେଶର ମୁକ୍ତି ଯୁଦ୍ଧବେଳେ ଦଳଦଳ ମଣିଷ ଭାରତମୁହାଁ, କଲିକତାମୁହାଁ... ପଛରେ ମନ ଛାଡ଼ୁ ନ ଥିବା ଭିଟାମାଟି, ଆଗରେ ବାକି ଦିନର ଅନିଶ୍ଚିତତା। ବାସହରା ମଣିଷଙ୍କ ଜୀବନଯୁଦ୍ଧର ଗୋପନ, କରୁଣ କାହାଣୀ ଗପଟି। ପଢ଼ିଲେ ଲାଗେ, ଯେମିତି ଏହା ଗପ ନୁହେଁ, ନିର୍ଜନରେ ଆକାଶଆଡ଼େ ଉଠିଯାଉଥିବା ଏକ ଦୀର୍ଘଶ୍ୱାସ...

କଇଳାଶ ପଟ୍ଟନାୟକ

# ଧର୍ମଚକ୍ର

କୁମାରନ୍ ଉପରେ ହଠାତ୍ ଆଖିପଡ଼ିଗଲା ଚାନ୍ଦିର। ସତରେ କୁମାରନ୍‌ଟା ଭାରି ସୁନ୍ଦର। ସେଦିନ କହୁଥିଲା ତାକୁ କୁଆଡ଼େ ଛବିଶ ବର୍ଷ ଚାଲିଛି। ଚାନ୍ଦି ନିଜ ବୟସକୁ ହିସାବ କଲା। ଗାଁ ଛାଡ଼ିବା ବେଳେ ହିଁ ସେ 'ବଡ଼' ହୋଇଥିଲା। ମା' କହୁଥିଲା ଜେବୁନ୍ନିସା ମାଉସୀକୁ ଏଥର ଚାନ୍ଦିର ତେର ଚାଲିବ। ଗାଁ ଛାଡ଼ିବାର ଏ ଭିତରେ ଚାରିବର୍ଷ ହେଇଗଲାଣି। ଚାନ୍ଦି ତା'ମାନେ ତେର ଆଉ ଚାରି ବରଷର ହେଲାଣି? ତେର ଆଉ ଚାରି ମିଶିଲେ ଛବିଶଠୁ କେତେ କମ୍ ଯେ! ଚାନ୍ଦି ଦି' ହାତର ସବୁଯାକ ଆଙ୍ଗୁଠି ସଙ୍ଗେ ବାଁ ଗୋଡ଼ର ଆଙ୍ଗୁଠିଗୁଡ଼ାକ ଏକଡ଼ ସେକଡ଼ କରି ହିସାବ କରିବାକୁ ଲାଗିଲା। ଅବଶେଷରେ ଠିକ୍ କଲା ଏତେ ହିସାବକିତାବ କାହିଁକି– କୁମାରନ୍‌ଙ୍କୁ ପଚାରିଦେଲେ ତ ହେବ। କୁମାରନ୍ କେତେ ପାଠ ପଢ଼ିଛି। ସବୁବେଳେ ହସୁଥିବ। କେଉଁଠି ତା'ର ଏତେ ହସ ଥାଏ କେଜାଣି, ଗରାଖ ପଚାରିବେ– ଆପେଲ କେଜି କେତେ? କୁମାରନ୍ କହିବ– ବାରହ ରୂପୟା। ଗରାଖ ଈଶ୍ୱର ଆକାଶରୁ ଖସିବେ। ହାଁ ବାର– ଛ' ହବ? ଭଲା କୁମାରନ୍ ଛ' ଟଙ୍କାରେ ବିକ୍ରି କରିବାର ଥିଲେ 'ବାର' କାହିଁକି କୁହନ୍ତା– କୁମାରନ୍ ହସିହସି ମନାକରେ। ହସିବା ଭଲ, ହେଲେ ଏମିତି କଥା ଶୁଣିବି ହସିବ? ଟିକେ ବି ରାଗେ ନାହିଁ ଗରାଖମାନଙ୍କ କଥା ଶୁଣି। ହସିହସି କହେ, ନାଇଁ ବାବୁ ଦଶ୍ ରୂପୟାରେ ଖରିଦ ହେଇଛି, ବାର୍‌ରୁ କମ୍ ହେଇପାରିବନି।

ହେଇ ଚାନ୍ଦି, ଚାନ୍ଦି–ଧେତ୍ ଚାନ୍ଦିର ମନ ମରିଗଲା। ଏତିକିବେଳେ ଭଲା ମା'ର ଡାକିବାକୁ ଥିଲା– ଫାଷ୍ଟକ୍ଲାସ୍ ଓ୍ୱେଟିଂ ରୁମ୍ ଯିବାର ଶିଡ଼ି ପାହାଚରେ ବସିଥିଲା ଚାନ୍ଦି, ସାମ୍‌ନାରେ କୁମାରନ୍ ନୌକରି କରୁ ବା ଫଳ ଦୋକାନ। ହାଓ୍ୱଡ଼ା ଷ୍ଟେଶନ୍‌ର ହାଉଜାଉ ଲୋକ ଭିଡ଼ ଭିତରେ ବି କୁମାରନ୍‌କୁ ସେଠୁ ଭାରି ସ୍ପଷ୍ଟ ଦେଖୁଥିଲା ଚାନ୍ଦି। ମା'ଟା ତା'ର ଗଲା ଆସିଲାବେଳେ ଏ ଲକ୍ଷଲକ୍ଷ ଯାତ୍ରୀ ତାକୁ ରାସ୍ତା ଛାଡ଼ିଦିଅନ୍ତି– ଜଣେ ବି କେହି ବୁଢ଼ୀ ଦେହରେ ଘଷି ହେଇଯାଏ ନାଇଁ କି ଧକ୍କା ଲାଗେ ନାଇଁ ତା' ଦେହ ମୁଣ୍ଡରେ। ଇମିତିଆ ଅପରିଚ୍ଛନ୍ନ ହେଇ ରହିଲେ ଖାଲି ମଣିଷ କାହିଁକି ମ ଯମ ବି ପରା ତଫାତ୍ ହେଇଯିବ! ନ ହେଲେ ଖାଲି ଏତେ କାଳରୁ ପଡ଼ିଚି ବୁଢ଼ୀ କଷ୍ଟ ପାଇ ପାଇ? ବିରକ୍ତରେ କହି ଉଠିଲା ଚାନ୍ଦି, କ'ଣ କହୁଛୁ? ତଳ ଉପର ସବୁଯାକ ଲାଲୁଆ ଲାଲୁଆ କଳାମାଡ଼ି ଦେଖେଇ ଦେଇ ବୁଢ଼ୀ କହିଲା– ଶାମୁ ଖବର ଦେଇଚି ଲୋ, ଆଜି ଯିବୁ ତା' ସାଙ୍ଗରେ। ନାଇନ୍ ଅପ୍ ଗଲା ପରେ ସେ ଆସିବ। ବୁଢ଼ୀର ପ୍ରତିଟି ଶବ୍ଦରୁ ଝରିପଡୁଛି ଉତ୍ସାହ। ଶାମୁ ପାଇଁ ଆଜି ତା'ର ଅନେକ ଦରଦ। ବାରନମ୍ବର ପ୍ଲାଟ୍‌ଫର୍ମରେ ଶାମୁର ଚା ଦୋକାନ। ମାଗଣାରେ କପେ ହୁଏତ ଦେଇଛି ବୁଢ଼ୀକୁ ଏବେ! ଚାନ୍ଦିର ସବୁ ସରାଗ ମରିଗଲା ମୁହୂର୍ତ୍ତକେ। କୁମାରନ୍ ଦୋକାନ ଆଡ଼କୁ ଚାହିଁଲା, ଆଖି ଚାଲିଗଲା, ନା କୁମାରନ୍ ଦେଖାଯାଉନି। ଶାମୁଟା ଭାରି ବାଜେ ଲୋକ। ସ୍ତ୍ରୀଲୋକ ଦେଖିଲେ ଯେମିତି ମନେକରେ ମାଂସ ପିଣ୍ଡୁଳାଏ, ଝୁଣିପକାଏ... ତାକୁ ଯେ କଷ୍ଟ ହେଇପାରେ ଏକଥା ଜମାରୁ ମାନେ ନାହିଁ। ଥରେ କହିଲା– ଶାଳୀ, ମାଗଣା ପଇସା ଦେଇଚି କି? ଯେତିକି ଦେଇଚି ସେତିକି ତ ଉଠେଇବି, ଆଉ କହିଦେଇ ପଇସା ଉଠେଇବାକୁ ଯାଇ ତାକୁ ନଖରେ ଚିରି ପକେଇଥିଲା। ଆଜି ପୁଣି ସେଇ ଶାମୁ– ନାଇନ୍ ଅପ୍ ଯିବ ଛଅଟା ପଇଁଚାଳିଶ... ତା' ପୂର୍ବରୁ ଆଉ କେହି ଯଦି ଆସନ୍ତେ... ନା, ବିଜିନେସ୍ ବେଳ ସେଟା, ସେତେବେଳେ କିଏ ବା ଆସିବ ତା'ଠିକି?

ବଞ୍ଚିବାକୁ ହେଲେ ତ ବିକ୍ରି ହେବାକୁ ହିଁ ପଡ଼ିବ... ମହାନଗରୀର ଏହାହିଁ ଅଘୋଷିତ ରୀତି। ଚାନ୍ଦି ବୁଝେଇଦେଲା ନିଜକୁ, ସେ ତ ଆଉ ଏକଥା ବଦଳେଇ ପାରିବ ନାହିଁ, ଛାର ସ୍ତ୍ରୀ ଲୋକଟେ, ସବୁକଥା ତାକୁ ମାନିବାକୁ ହିଁ ପଡ଼ିବ!

ବେଳେବେଳେ ତାକୁ ଆଶ୍ଚର୍ଯ୍ୟ ଲାଗେ ତା' ମା'ଟା ଏତେ ନିର୍ଲଜ୍ଜ କେମିତି ହେଇ ପାରିଲା– ନିଜ ଗର୍ଭଜାତ ଝିଅକୁ ଏସବୁ କଥା କହିବା ଲାଗି... ନା, ଆଶ୍ଚର୍ଯ୍ୟ ଭାବଟି ବଦଳି ଗଲା ଦୟାରେ। ବିଚାରି ସାରାଜୀବନ କେତେ କଷ୍ଟ ନ ସହିଚି ଚାନ୍ଦି ପାଇଁ! ଖାସ୍ ଚାନ୍ଦି ପାଇଁ ତ ଜେବୁନ୍ନିସା ଚାଚୀ ସାଙ୍ଗରେ ଆସିବା ଦିନ ପର୍ଯ୍ୟନ୍ତ କଥା କହିଲା ନାହିଁ। କେତେ ଆପଣାର ହେଇ ଦିହେଁ ଚଳୁଥିଲେ। ସବୁ କଥାରେ ସାହାଯ୍ୟ ଭରସା... ମା' ପେଟର ଦି' ଭଉଣୀ ପରା। ବର୍ଷେ କୁଷ୍ଟିଆରେ ଖୁବ୍ ବନ୍ୟା ହେଲା। ସାତ ଆଠଦିନ ଯାକେ ତ ସେମାନେ ଜେବୁନ୍ନିସା ଚାଚୀର ଚାଳ ଉପରେ ବସି ରହିଲେ। ଖାଲି ଜେବୁନ୍ନିସା ଚାଚୀର ପୁଅ ମୁବାରକ ତିନି ଚାରିଦିନ ପରେ ତଳକୁ ଓହ୍ଲେଇ କୋଉଠୁ କ'ଣ ଯୋଗାଡ଼ କରିବାକୁ ବାହାରି ପହଁରିଚି କି ନାଇଁ ଥରେ, କେଉଁଠି ଥିଲା କେଜାଣି ମା' ଲୋ ଏଡ଼େ ବଡ଼ ସାପଟା ତା' ବାଁପଟ ନଳୀ ଗୋଡ଼ରେ ଗୁଡ଼େଇ ହେଇଗଲା। ଚାଳ ଉପରୁ ସଭିଏଁ ଘଟଣା ଦେଖି 'ହାଁ' ହେଇ ରହିଲେ। ଚାଚୀ ତ ୟା ଆଲ୍ଲା, ୟା ଆଲ୍ଲା କହି ଡକାପାଡ଼ି ବସିଲେ। ମୁବାରକ କ'ଣ ଗୋଟେ ଲାଗିଲା କହି ପଛକୁ ମୁହଁ ନ ବୁଲେଇ ବାଁ ହାତରେ ସାପଟାକୁ କାଢ଼ି ଆଣି ହାଉଳି ଖାଇ ମୂର୍ଚ୍ଛା ହେଇଗଲା। ଭାଗ୍ୟ ଭଲ, ପାଖ ଚାଳ ଉପରେ ଥିଲା ଅହମ୍ମଦ ଚାଚା... ଭାରି ଦମ୍ଭିଲା ଛାତି ତା'ର। ନିର୍ଭୟରେ ପାଣିକୁ ଲମ୍ଫ ଦେଇ ମୁବାରକ୍‌କୁ ଟେକି ଆଣି ଶୁଆଇଦେଲା ଚାଳ ଉପରେ। ଏଇ ତା'ରି ମା'। ସେତେବେଳେ ତ ଆଉ ଏମିତି ଚେହେରା ତା'ର ନ ଥିଲା। ଗୋଟେ ହାତରେ ଜେବୁନ୍ନିସା ଚାଚୀକୁ ସମ୍ଭାଳି ଆର ହାତରେ ମୁବାରକ୍‌କୁ ଧରି ବସିଲା ପ୍ରାୟ ଘଣ୍ଟେ ଦି' ଘଣ୍ଟା... ଦୁହେଁ ସୁସ୍ଥ, ସ୍ୱାଭାବିକ ନ ହେବାଯାଏଁ। ଚାନ୍ଦିର ବା ବୟସ କେତେ ସେତେବେଳେ... ଏଇ ଦଶ, ଏଗାର...!

ସେଇ ମୁବାରକ୍ ପାଇଁ ଅପଢ଼ ହେଇଗଲା ଦି' ଘର ଭିତରେ।

କେତେବେଳେ ପଦେ ଅଧେ କ'ଣ କହି ଚାନ୍ଦିକୁ ଚିଢ଼େଇଦିଏ ମୁବାରକ୍। ଚାନ୍ଦି କାନ୍ଦି କାନ୍ଦି କେବେ ମା'କୁ, କେବେ ଚାଚୀକୁ କହେ। ମୁବାରକ୍ ବିଚାରା ଏଣୁ ପଦେଅଧେ ଗାଳି ଖାଇଲାବେଳେ ସେଣୁ ମା'ର କାନମୋଡ଼ା ପାଏ। ସେତେବେଳେ ଚାନ୍ଦି କେତେ ସରଳ ନ ଥିଲା! ବିଚାରା ମୁବାରକ୍ ପାଇଁ ଆଜି ବି ଭାରି ଦରଦ ଆସେ। ମୁବାରକ୍ ଡାକିଥିଲା ଦିନେ ଚାନ୍ଦିକୁ। କହିଥିଲା, ଫକୀରା ଘର ବାଡ଼ିରେ ବଢ଼ିଆ କୋଳି ହେଇଚି, ଆସିବୁ ଯଦି ପାରିଦେବି। କୋଳି? ଲାଳେଇ ଉଠିଲା ଚାନ୍ଦି। ଯାଇ ଦେଖେ ତ ଫକୀରା ବୁଢ଼ା ବାରିପଟେ ଖଟ ଖଣ୍ଡେ ପକେଇ ଜାଲ ବୁଣୁଚି। ଧେତ୍... ମୁବାରକ ଆଡ଼କୁ ଅନେଇଲା ଚାନ୍ଦି। ମୁବାରକ୍ କହିଲା– ଚିନ୍ତା କର ନାଇଁ, ସେପଟେ ଚାଲ ଦେଖିବା ଯଦି ଚୌଧୁରୀ ଘର ମାଳୀ ନ ଥିବ ତା'ହେଲେ ଆଃ, କି ସୁନ୍ଦର ଶାଗୁଆ ଟକ୍‌ଟକ୍ କରମଙ୍ଗା ସବୁ ଗଛରେ ଲଦିହେଇ ପଡ଼ିଚି... ସତରେ ମୁବାରକ୍ ଭାଇ ଆଣିଦେବୁ... ମୁବାରକ୍‌ର ଆଖି ତେଜି ଉଠିଲା... ଆଣିଦେବି ମାନେ, ଯେତେ ଖାଇବୁ ସେତେ! ଭାଗ୍ୟକୁ ମାଳୀ ଶୋଇଥିଲା... ଧୁ ଧୁ ଖରାବେଳଟାରେ କ'ଣ ଆଉ କରନ୍ତା... ମୁବାରକ ହାତ ଭାରି ସଳଖ... ମାରିଚି ଗୋଟେ ଢେଲା, ଝରଝର ହେଇ ପାଞ୍ଚଟା କି ଛଅଟା କରମଙ୍ଗା... ମାଳୀ ଉଠିବା ଆଗରୁ ଦିହେଁ ଗୋଟେଇ ଧରି ଦେ ଛୁ...। ଘଟଣାଟା ଘଟିଲା ସେଇ କରମଙ୍ଗା ଖାଇଲାବେଳେ। ମୁବାରକ ଭାଇ କହିଲା ଚାଲ, ଘରେ ଦେଖିଲେ ଚାଚୀ ଗାଳିଦେବେ... ସେଇ ମସ୍‌ଜିଦ ପାଖ ପୋଖରୀ ପାଖକୁ ଯିବା, ସେଇଠି ଖାଇବା। ଆଉ କରମଙ୍ଗା ଖାଇବାବେଳେ ମୁବାରକ ଭାଇ ଗୋଟେ ପାଚିଲା କରମଙ୍ଗା ଦେଖାଇ ଚାନ୍ଦିକୁ କହିଥିଲା, ଦେଖ୍, ତୋ' ଗାଲଟା ଠିକ୍ ଏଇ କରମଙ୍ଗା ପରି, ଏମିତି ଫୁଲିଚି ଆଉ ଏମିତି ହଳଦୀ ଗୁରୁଗୁରୁ। ଚାନ୍ଦି କହିବ କ'ଣ, ଗାଲଟା ସତରେ କ'ଣ କରମଙ୍ଗା ପରି! ପଚାରିଲା– ସତେ ମୁବାରକ୍ ଭାଇ? ମୁବାରକ୍ ଚାରିଆଡ଼କୁ ଥରେ ଚାହିଁଦେଇ କହିଲା– ହଁ ଲୋ ସତ, ତୋ' ଗାଲଟା ପରା ପାଚିଲା କରମଙ୍ଗା, ଖାଇଲେ କେତେ ରସ... କଥା ନ ସରୁଣୁ ନିଜ ଓଠଟା ନେଇ ଆସିଲା ଚାନ୍ଦି ଗାଲ ପାଖକୁ। ସତରେ ଗାଲଟା ତା'ର ଖାଇବ କି ଆଉ ମୁବାରକ୍ ଭାଇ... ଏଇ ଆଶଙ୍କାରେ ଦେଲା ଯେ ରଡ଼ିଟାଏ ଚାନ୍ଦି, ଦୌଡ଼ି ଆସିଲେ କୋଉଠି ଥିଲେ କେଜାଣି ମୌଲବୀ ସାହେବ।

ତା' ମା' ଶୁଣି ଲାଲ୍ ପଡ଼ିଗଲା। ଏଡ଼େ ସାହସ ସେଇ ବାରଦୁଆରୀ ପୁଅର... ସେଇ ଯେ ଜେବୁନ୍ନସା ଚାଚୀ ସଙ୍ଗେ ଲାଗିଲା ଝଗଡ଼ା ତା' ମା'ର, ଶେଷ ହଉହଉ ଆସି ସନ୍ଧ୍ୟା। ତା' ଭିତରେ ଦୁଇ ଧର୍ମର ମୌଳିକ ଲକ୍ଷଣ ସବୁର ବିବରଣୀ ଦିଆଗଲା, ଦୁଇ ପରିବାରର ଦି' ପୁରୁଷର ଇତିହାସ ବି ଚର୍ଚ୍ଚା ହେଇଗଲା, ଦିହିଁଙ୍କ ମାତୃବଂଶର ସ୍ୱଚ୍ଛତାରେ ସନ୍ଦେହ ପ୍ରକାଶିତ ହେଲା। ଆଉ ପରସ୍ପରର ଚରିତ୍ରର ନାନା ଅଜ୍ଞାତ ଘଟଣା ଜଣାପଡ଼ିଗଲା। ସମାଧାନ କିଛିରେ ବି ହୋଇ ପାରିଲାନି। ସମାଧାନ ପାଇଁ ନ ଥିଲା ଆଗ୍ରହ, ନ ଥିଲା ଚେଷ୍ଟା... ସାନସାନ ଅହଂକାର ପାଇଁ ବଡ଼ ଅନ୍ତରଙ୍ଗତାରେ ଫାଟ ପଡ଼ିଗଲା। ସଦ୍‌ଭାବରେ ବିଷ ଭରିଗଲା। କେହି କାହାରିକୁ ପାଟି ଫିଟେଇଲେ ନାହିଁ।

ଏଇ ତା'ର ମା' ଖାସ୍ ଚାନ୍ଦିଟା ପାଇଁ ଆପଣାରମାନଙ୍କୁ ଟିକେଟିକେ କଥାରେ ତେଜ୍ୟ କରିଦେଇଚି। ବାସନକୁସନ ବନ୍ଧା ପକେଇ ଚାନ୍ଦି ପାଇଁ ପାତ୍ରଟିଏ ଯୋଗାଡ଼ କରି ଦବାକୁ ଘଟକଙ୍କୁ ଖୁଏଇ ପିଏଇ ସୁନ୍ଦର ସୁନ୍ଦର ନିଷ୍ଫଳା ସ୍ୱପ୍ନ କିଣିଚି। ଦିନଯାକ ଖଟିଖଟି ନିଜେ ନ ଖାଇଚି ନାଇଁ ଚାନ୍ଦି ମୁହଁକୁ ଗୁଣ୍ଡା ବଢ଼େଇ ଦେଇଚି। ଆଉ ଗାଁ ଛାଡ଼ିଲାବେଳେ ତ, ହାୟ ଚାନ୍ଦି ଛାତିର କୋହ, ଦୀର୍ଘଶ୍ୱାସ ହେଇ ବାହାରି ଯାଇପାରେ ନାହିଁ, ଲୁହ ହେଇ ବୋହିଯାଏ... ମୁଜିବ ନାଁଟାରେ କି କିମିଆ ଥିଲା ସତେ ସାରା ଦେଶଟା ତାଙ୍କର ସେଇ ନାଁ ଭଜି ନିଆଁକୁ ଡେଇଁ ପଡୁଥିଲା। କେମିତି ଯେ ସେମାନେ ବାନପୁର, ମଜଦିଆ ହେଇ ନଇହାଟୀରୁ ଆସି ହାଓ୍ୱଡ଼ା ଛୁଇଁଲେ ସେକଥା ଆଉ ସେ ଭାବେ ନାଇଁ। ଛାତି ଭିତରେ ଭୟ ଚରିଯାଏ। ଅତୀତଟା ପୁଣି ଶଙ୍କିତ କରିଦିଏ ତାକୁ।

ବୟସ ନୁହେଁ, ମଣିଷକୁ ପୁରୁଖା କରେ ଅଭିଜ୍ଞତା। ବାର ବରଷର ଚାନ୍ଦି କୁଷ୍ଟିଆ ଡେଇଁ ଆସିଲା ପରେ ଅଲଗା ଚାନ୍ଦିଟିଏ ହେଇଗଲା। ସଂସାର ଦେଖିଲା। ମା'ର ପଣତ ବାହାରେ ଏତେ ବଡ଼ ସଂସାର ଝଲସି ଉଠିପାରେ ଏକଥା ଥରେ ବି ଭାବିପାରି ନ ଥିଲା ସେଠି। ହାଓ୍ୱଡ଼ାରେ ପାଦଦେବା ପରେ ହିଁ ସେ ହୋଇଗଲା ପଣତଲୁଚା କିଶୋରୀରୁ ନାରୀଟିଏ। ଆପଣାର ସୁଖ, ଦୁଃଖ, ପେଟ ଓ ଦେହ ସହିତ ପୂର୍ଣ୍ଣ ରୂପେ ନାରୀଟିଏ। ତା' ଆଖିରେ ମା' ତା'ର ଖାଲି ମା' ନୁହେଁ, ଅନ୍ୟ ଏକ ନାରୀ। ଦୁହେଁ କେବେ ପରସ୍ପରର ବାନ୍ଧବୀ, କେବେବା ଶତ୍ରୁ। ଦି'ଙ୍କ ମଝିରେ ବାର ବରଷର ଅତୀତଟିଏ ହିଁ ଥିଲା ସମ୍ପର୍କର ଏକମାତ୍ର ଦୁର୍ବଳ ସେତୁ। ଯେ କୌଣସି ମୁହୂର୍ତ୍ତରେ ସିଏ ଭାଙ୍ଗି ଯାଇପାରେ। ଚାନ୍ଦିର ମା' ଡାକଟି ଭିତରେ ପୂର୍ବର ଶ୍ରଦ୍ଧା ନ ଥିଲା, ମା'ର ଚାନ୍ଦି ଡାକରେ ବି ନ ଥିଲା ପୂର୍ବର ବାତ୍ସଲ୍ୟ। ହାଓ୍ୱଡ଼ାର ଅସଂଖ୍ୟ ଜନଗହଳି ଭିତରେ ସେମାନେ ବି ଦି'ଜଣ ନାରୀ। କେବଳ ଦି'ଜଣ ନାରୀ।

ଆଲୋ ବସି ରହିଲୁ କ'ଣ୍‌ବା, ଯା' ମୁହଁ ହାତ ଧୋଇଆ, ଶାଢ଼ିଟି ପାଲଟିପକା, ଶାମୁ ଆସିବ ପରା... ମା' ତାକୁ ଚେତେଇ ଦେଲା। ଚାନ୍ଦିର ଭାବନା ସଙ୍କୁଚିତ ହେଇ ଅପସରିଗଲା। ସେ ଦେଖିଲା ହାଓ୍ୱଡ଼ା ଷ୍ଟେଶନର ଯାତ୍ରୀ ଚଞ୍ଚଳତା ଭିତରେ ଫାଷ୍ଟକ୍ଲାସ ଓ୍ୱେଟିଂ ରୁମ୍‌କୁ ଉଠିବାର ପାହାଚ ତଳେ ସେ ବସଚି ଦାରୁଭୂତ ସାଜି। ଚମକ ଲାଗିଲା ଛାତିରେ, ଶାମୁ ଆସିବ। କୋଉଠି କେଜାଣି ଭୟଟିଏ ସଞ୍ଚରି ଗଲା, ଶାମୁଟା ଭାରି ନିର୍ଦ୍ଦୟ... ଭାରି କଷ୍ଟ ଦିଏ...!! ଚିଡ଼ି ଉଠିଲା ଚାନ୍ଦି, ଯା' ଭାକ୍ ବୁଢ଼ୀ ରଟୁଛି ସେତେବେଳୁ ଶାମୁ ଆସିବ, ଶାମୁ ଆସିବ, ଆସୁ; ଶାଢ଼ି ବଦଳିବି କାହିଁକି– ସେ କ'ଣ ମୋର ଶାଢ଼ି ଦେଖିବ ନା, ମୁହଁ ତା'ର ତ ଦରକାର...। ଚାନ୍ଦି ପାଟିରୁ କଥା ସରିନାଇଁ ପହଞ୍ଚିଗଲା ଲୋକଟେ, ମାଟିଆ ହାଫ୍‌ପ୍ୟାଣ୍ଟ, ହାତକଟା ଗେଞ୍ଜି। ମୁହଁସାରା କଳା ବସନ୍ତର ଦାଗ। ବାଙ୍ଗରା ହେଇ ଥାକୁଲଥୁକୁଲ ଚେହେରା, ମୁଣ୍ଡ ମଝିଟା ନିରୋଳା ଚନ୍ଦା। କ'ଣ କହୁଚୁ ଲୋ ବୁଢ଼ୀ, ଚାନ୍ଦି ରାଗିଚି କାହିଁକି? ବୁଢ଼ୀ ବି ରାଗି ଥମ୍‌ଥମ୍, କହିଲି... ଶାଢ଼ିଟା ବଦଳିପକା, କହୁଚି କ'ଣ ନା ଶାଢ଼ି ବଦଳିବା କ'ଣ ଦରକାର? ଘଡ଼ଘଡ଼ି ଅବା ମାଇଲା କୋଉଠି। ଶାମୁର ହସଟା ସେଇମିତି। ଉତ୍ତର ଶୁଣି ହସିହସି ବେଦମ୍। ଯେତେ ହସୁଚି ମୁହଁଟା ତା'ର ସେତେ ବିକୃତ ଦିଶୁଛି। ଚାନ୍ଦିର ଦେହରେ ଯେମିତି ନିଆଁ ଚରି ଯାଉଚି। ଶାମୁ ଓଠରୁ ଲାଳସା ଯେମିତି ପିକ ହେଇ ତା'ର କେରଖିଆ ଓଠ ସନ୍ଧିରୁ ଝରିପଡୁଚି। ଦମେ ହସିଦେଇ କହିଲା, ଚାଲ୍‌ଲୋ ଚାନ୍ଦି ଡେରି ହେଲାଣି, ଶାଢ଼ି ସେଇଠି ବଦଳେଇବୁ... କହି ଆପଣା ରସିକତାରେ ପୁଣି ଥରେ ଅଶ୍ଳୀଳ ଭାବରେ ହସିଦେଲା ଘଡ଼ଘଡ଼ି ପରି।

ଶାମୁ ପାଖରେ ଶୋଇ କୁମାରନ୍ କଥା ହିଁ ବାରବାର ଚାନ୍ଦି ମନକୁ ଆସୁଥିଲା। ବକ୍ରିତ ହେଲାବେଳେ ଏମିତି ଦୁର୍ଲଭ ମୁହୂର୍ତ୍ତଟିଏମାନ ବେଳେବେଳେ ଆସି ପହଞ୍ଚିଯାଏ, ଯୋଉ ମୁହୂର୍ତ୍ତମାନଙ୍କରେ ଖାଲି ଦେହ ନୁହେଁ ମନ ମଧ୍ୟ ମିଶି ଏକାକାର ହୋଇଯିବାର ପୂର୍ଣ୍ଣତା ଚାନ୍ଦି ଅନୁଭବ କରେ। ସେଇମିତି ସୁଖଦ ସାନ୍ନିଧ୍ୟ କୁମାରନ୍ ହିଁ ତାକୁ ଖାଲି ଦେଇଥାଏ। କୁମାରନ୍ ଭାରି ଲାଜକୁଳା, ଭୀରୁ। ଲୋକଦେଖାଣିଆରେ କଥାବାର୍ତ୍ତା ବି କରେନା ତା' ସଙ୍ଗରେ ଠିକ୍‌ଠିକ୍। ଆଉ ସେ କାହିଁ କେତେ ଅପେକ୍ଷା କରିଥାଏ କୁମାରନ୍‌କୁ। କେବେ ଅବା ଡାକିଦବ, ଚାନ୍ଦି ଆଜି ଆସିବୁ କି ମୋ' ସଙ୍ଗେ? ସେଇ ପଦକ ଶୁଣିଦେଲେ ପୁଲକିଯାଏ ଚାନ୍ଦି। ସବୁ ଲୋମକୂପରୁ ବାହାରି ଆସେ ଉତ୍ସାହ। ଛାତି ଭିତରେ ମଞ୍ଜି ହୋଇଯାଏ ପ୍ରୀତି। ମୁହଁରେ ଚହଟିଯାଏ ସରାଗ। ଆଉ ଦେଖ, କୁମାରନ୍‌ଟା ଏମିତିକା ଯେ ସବୁଦିନ ତା' ପାଇଁ ନିଜକୁ ସଜେଇ ବସିଥିଲେ ବି ଆସିବ କାହିଁ କେବେ ଥରେ ଅଧେ। ତାକୁ ରୋଜ ଆସିବାକୁ କହିବି ପାରେନା ଚାନ୍ଦି, କୋଉଠିଥାଏ ସଉତୁଣୀ ପରି ଲାଜଟା ଠିକ୍ ସେତିକିବେଳେ ମାଡ଼ି ହୋଇପଡ଼େ। ହଁ, ଖାଲି କୁମାରନ୍ ପାଖରେ ହିଁ ସେ ଲାଜ ପାଏ। ତା'ରି ସାନ୍ନିଧ୍ୟରେ ପାଏ ଗଭୀରତମ ସୁଖ। ବାକି ସବୁଠି, ସଭିଙ୍କ ପାଖରେ ସେ କରେ ବ୍ୟବସାୟ।

ଦିନେ ଗୁମ୍ ହେଇ ବସିଥିଲା ଚାନ୍ଦି। କେତେ ଦିନ ଆଉ ଏମିତି ଚାଲୁଥିବ, କି ଆନନ୍ଦ ବା ଅଛି ଏଥିରେ... ଖାଲି ଜଣକ ଲାଳସା ପାଖରେ ନିଜକୁ ଥୋଇଦେବା ଆଉ ଚାଲି ଆସିବା। ଜଣକ ଅନ୍ଧ ଇଚ୍ଛା ଆଗରେ ନିଜକୁ ବିସର୍ଜଦେବା ଆଉ ଫେରିଆସିବା। କିଛି ଧରାବନ୍ଧା ଆଚରଣର ପୁନରାବୃତ୍ତି, କିଛି ମନଉଲୁସା ମୁଖସ୍ଥକରା କଥାର ପ୍ରାଣହୀନ ଉଚ୍ଚାରଣ ଆଉ ତା' ପରେ ପୁନର୍ବାର ନିଜର ଏକାକୀତ୍ୱ ପାଖରେ ଅଟକି ରହିବା!

ବଞ୍ଚି ରହିବାକୁ ହେଲେ ଖାଲି କ'ଣ ବିକ୍ରି ହେବାକୁ ହିଁ ପଡ଼ିବ? କାହାପାଖରେ ନିଜକୁ ଅଜାଡ଼ି ଦେଇ ଗୋଟାପଣେ ବଞ୍ଚି ହବନାଇଁ? ଗୁଲାବୀ ଆସିଲା। ତା' ଚାଲିଟା ସବୁବେଳେ ଠସ୍‌ଠସ୍। କହିଲା– ଦିଦି, ଆରେ ଏମିତି ବସୁଚୁ କ'ଣବା ଜାଣିନୁ ଏସ୍‌ପିଲାନେଡରେ ପରା ସଭା ଅଛି। ଏଇଠୁ 'ମିଛିଲ' ଯିବ। ଦେଖିବୁ ଆଜି କି ରୋଜଗାର... ତୁ ଏମିତି ବସିବୁ କ'ଣ ମ, ଅନା ସେପଟକୁ ଯିବା କହି ଆଖି ଟିପି ହସିଦେଲା। ତା' ଆଖି ଟିପାର ଅର୍ଥ ବୁଝିପାରିଥିଲା ଚାନ୍ଦି। କହିଲା, ନାଇଁଲୋ ତୁ ଯା... ମୋର ମନ ଭଲ ନାଇଁ। ମନ? ଆଶ୍ଚର୍ଯ୍ୟ ହୋଇଗଲା ଗୁଲାବୀ। ଆଲୋ ମନ କ'ଣ ବା? ତୋର ସେ କାହୁଁ ଆଇଲା ଦିଦି? ସେଇଟା ଥିଲେ ତ ଦୁଃଖ ଆସେ। ତାକୁ କାହିଁକି ସାଇତି ରଖିଚୁ... ଫୋପାଡ଼ି ଦେ'ଲୋ ହୁଗୁଳିରେ ତାକୁ, ନ ହେଲେ ଜାଣିଥା ବଞ୍ଚିପାରିବୁ ନାଇଁ। ଗୁଲାବୀର ପାଉଡ଼ରମଖା, ପରିମିତ ହସ ଜଡ଼ଉକରା ମୁହଁ ଭିତରେ ଚାନ୍ଦି ଦେଖିଲା ଆଉ ଗୋଟିଏ ମୁହଁ। ଅଭିଜ୍ଞତାରେ ଯେ ଶିରାଳ, ଆଉ ଲୁକ୍‌କାୟିତ ବେଦନାରେ ଯେ ବିବର୍ଣ୍ଣ! ଗୁଲାବୀ, ସମସ୍ତେ କ'ଣ ଆଉ ଆମର ଦେହଟା ଦେଖୁଥିବେ, ଜଣେ କେହି ବି ମନକୁ ବୁଝିବ ନାଇଁ? ଧାରେ ହସ ଫୁଟି ଉଠୁଉଠୁ ଲିଭିଗଲା ଗୁଲାବୀ ଓଠରୁ। ନିମିଷକେ ହଜିଗଲା ଚାନ୍ଦି ଆଖିରୁ ତା'ର ଅଭିଜ୍ଞ ମୁହଁଟି। ମୁକୁଳି ଆସିଲା ସମବେଦନା ଛଳଛଳ ସଖୀଟିଏର ରୂପ। ସାନ୍ତ୍ୱନା ଦେଲା ସେ, ଏସବୁ ସିନେମା ଦେଖା କଥା ଦିଦି, ଏସବୁ ସତ ହୁଏ ନାଇଁ। ଆମ ଷ୍ଟେଶନର ଜୀବନର କଥା ଜାଣିଥିଲେ ସିନେମାବାଲାଏ ଏମିତି ଦେଖାନ୍ତେ ନାଇଁ। ପୁଣି ଗୁଲାବୀ ହୋଇଗଲା ପଟୁ ବ୍ୟବସାୟୀଟିଏ। ଦିଦି, ଆସିବୁ ନା ନାଇଁ କହିଲୁ? ମୁଁ ଯାଏଁ ତେଣେ କେତେ ଲୋକ...। ଗୁଲାବୀ ଚାଲିଗଲା। ପଛରେ ରଖି ଦେଇଗଲା ହାଓ୍ୱଡ଼ା ଷ୍ଟେଶନର ଯାତ୍ରୀ ଚାଞ୍ଚଲ୍ୟ ଭିତରେ ନିସ୍ତରଙ୍ଗ ବିମନ ଚାନ୍ଦିକୁ।

ଗୋଟିଏ ଜୀବନଯାପନର ମାୟା କାଟି ଆଉ ଗୋଟିଏ ଜୀବନଯାପନର ମୋହ ତ ସେମାନଙ୍କୁ ଟାଣି ଆଣିଲା ଏଠିକି। ଭିଟାର ମମତା ଛାତି ଭିତରେ ସବୁଜ ହେଇ ଆଜି ବି ରହିଚି। ଛାଡ଼ି ଆସିବାକୁ ଆତ୍ମା କାନ୍ଦୁଥିଲା। ବାଧ୍ୟ ହେଲେ ସେମାନେ। ମୁଜିବ୍ ନାଁର ବନ୍ୟାରେ କେତେ ଘର ଉଜାଡ଼ି ହେଇଗଲା, କେତେ ସଂସାର ଭାସିଗଲା। କେତେ ସଂପର୍କ ହଜିଗଲା। ଦେଶର ଆତ୍ମା ଯେମିତି ଥରି ଉଠୁଚି। ଗରଳ ଯେମିତି ଭୂଇଁ ଫଟେଇ ଚରିଯାଉଛି। ବଞ୍ଚିବା ନୁହେଁ ସ୍ୱାଧୀନ ହେଇ ବଞ୍ଚିବା ଯେତେବେଳେ ମନ୍ତ୍ର ପାଲଟିଗଲା... ଅପମୃତ୍ୟୁ ହେଇଗଲା ସହଜଲଭ୍ୟ, ମୃତ୍ୟୁ ହେଲା ଦୁର୍ଲଭ। ମା' ତା'ର ସେତେବେଳେ ଚାନ୍ଦିର ସଂସାର ଦେଖିବା ଲାଗି ତନ୍ମୟ। ଘଟକମାନଙ୍କର ଚର୍ଚ୍ଚା କରିକରି ନିଃସ୍ୱ। ପ୍ରଚେଷ୍ଟାର ଅନ୍ତ ନାଇଁ। ସ୍ୱପ୍ନ ବିକାଳିଙ୍କ ଅଭାବ ନାଇଁ। ଦିନେ ବୁଝିପାରିଲା ଆଉ ଏଠି ରହିବା ନିରାପଦ ନୁହେଁ। ପ୍ରଥମ କର୍ତ୍ତବ୍ୟ ବଞ୍ଚିବା, ତା'ପରେ ଚାନ୍ଦିର ସଂସାର। ଆସିବା କ'ଣ ଖେଳଘର ପଡ଼ିଛି? କେତେ ସତର୍କରେ ଗଣ୍ଠୁଲିଟିଏ ବାନ୍ଧିଲେ... ଥାଳିବାସନ ଦିଖଣ୍ଡ ଆଉ ଚାନ୍ଦି ବାପାର ପାତଳ ସୁନାମୁଦିଟେ। ଜୋଇଁକୁ



ପିନ୍ଧେଇଦବ ବୋଲି ବୁଢ଼ୀ ସାଇତି ରଖିଥିଲା। ରାତାରାତି ଚାଲିଚନ୍ତି, ଘୋଷାରି ହେଇହେଇ ଆଗକୁ ବଢ଼ିଚନ୍ତି, ପାଣି କାଦୁଅରେ ଚକଟି ହେଇଚନ୍ତି, ମାଡ଼ ଗୋଇଠା ପାହାର ପାଇଚନ୍ତି, ଟିଟକାରୀ ଶୁଣିଛନ୍ତି। କ'ଣ ନ କରିଛନ୍ତି ସେମାନେ! ଭୋକ ଉପାସ କଥା ଛାଡ଼ିଦିଅ, ଭୋକ ବିକଳରେ ଚାନ୍ଦି କାନ୍ଦି ଉଠିଲେ ତା' ମୁହଁରେ ମା' ତା'ର ଲୁଗାକାନି ପର୍ଯ୍ୟନ୍ତ ମାଡ଼ି ଦେଇଚି। କେହି ଶୁଣିଦବ ପରା! ଚାରିଆଡ଼େ ବିଛେଇ ପଡ଼ିଚି ଶଙ୍କା। ଶଙ୍କା ପାଲଟିଯାଏ କେବେ ସାକ୍ଷାତ୍ ମୃତ୍ୟୁ। ଆଉ କେବେ ବା ପଶୁତ୍ୱ। ବାନପୁର ବାଟେ ପଳେଇ ଆସିବାର ମସୁଧା କରିଥିଲେ ସେମାନେ। ବାନପୁରରୁ ମଜଦିଆ, ସେଠୁ ରାଜାଘାଟ, ନଇହାଟୀ ହେଇ କଲିକତା। ଗୋଟିଏ ଗୋଟିଏ ହେଉ ହେଉ ଦଳଟିଏ ହେଲା, ଦଳଟିଏରୁ ପୁଣି କେତେ ଦଳ। ସଭିଙ୍କ ଲକ୍ଷ୍ୟ ଗୋଟିଏ, ଆକାଂକ୍ଷା ଗୋଟିଏ। ଚାନ୍ଦିକୁ ସେତେବେଳେ ମା' ତା'ର ପ୍ରାଣଧନ କରି ରଖିଥାଏ। ଚାଲିଲା ବେଳେ, ଶୋଇଲା ବେଳେ, ସବୁବେଳେ ଚାନ୍ଦି ହାତକୁ ମୁଠେଇ ଧରିଥାଏ। ମୁହୂର୍ତ୍ତେ ବି ହାତ ଛାଡ଼ିନି। ହଁ ଛାଡ଼ିଥିଲା ଥରେ, ଠିକ୍ ଛାଡ଼ିଥିଲା ନୁହେଁ, କାହାର ଗୋଟେ ଭାରି ବୁଟ୍ ମାଡ଼ରେ ଚାନ୍ଦି ଛିଟିକି ପଡ଼ିଯାଇଥିଲା ତଳେ। ଲୋକଟା ତା' ମା'ର ବଳିଲା ବଳିଲା ଦେହଟାକୁ ଟେକିନେଇ କଚି ଦେଇଥିଲା ମାଟିରେ। ଦଳର ବାକିମାନେ କିଏ କେଉଁଠି ଥିଲେ କେଜାଣି...। ଚାନ୍ଦି ଭୟରେ କାଠ ପାଲଟି ଯାଇଥିଲା... ଦୌଡ଼ି ପଳେଇ ଯାଇ ପାରୁ ନ ଥିଲା, ଖାଲି ଚାହିଁଥିଲା, କେତେ କାନ୍ଦିଥିଲା, କେତେ ଛାଟିପିଟି ହେଇଥିଲା। ତା' ପରଠାରୁ କେତେ ଜାଗାରେ ସେଇ ସମାନ ଘଟଣା ଘଟିଛି। ଚାନ୍ଦି ମା'କୁ କିଛି ପଚାରି ପାରିନାଇଁ, ମା' ଚାନ୍ଦିକୁ କିଛି କହିପାରି ନାଇଁ। ଭାଷାର ଆବଶ୍ୟକତା ପଡ଼ିନାଇଁ– ଭାବ ଅବ୍ୟକ୍ତ ରହିନାଇଁ।

କଲିକତାରେ ପହଞ୍ଚି ନିଶ୍ଚିନ୍ତ ହେବ କ'ଣ, ଦେଖିଲେ ତାଙ୍କରି ପରି ଆହୁରି ଶହଶହ ଲୋକ। ବଞ୍ଚିବେ କେମିତି? ଅନ୍ୟ ଏକ ଜୀବନ ବିତାଇବାର ଯେଉଁ ମୋହ ସେମାନଙ୍କୁ ଏତେ ଦୁର୍ଦ୍ଦଶା ଭିତରେ ବି ବଞ୍ଚାଇ ରଖିଥିଲା, ସେ ହେଲା ବିଶ୍ୱାସଘାତକ। ବଞ୍ଚିବା ପାଇଁ ତ ଖାଦ୍ୟ ଦରକାର। ଖାଦ୍ୟ ପାଇଁ ଲୋଡ଼ା ଅର୍ଥ, ଆଉ ଚାରା ନ ଥିଲା। ଧର୍ମ, ନୀତି, ମାତୃତ୍ୱ, ପାପବୋଧ ସବୁ ଜଳିଗଲା ଭୋକ ଦାଉରେ। ଜଳି ଉଠିଲା ବଞ୍ଚିବାର ଦୁରାକାଙ୍‌କ୍ଷା। ମା' ତା'ର ତାକୁ ଏକା ରଖିଦେଇ କୋଉଠିକି ଯାଏ ପୁଣି କୋଉଠୁ ଆସେ ଚାନ୍ଦି ପଚାରେନା କିଛି, ମାତ୍ର ଅନୁମାନ କରେ। ସେତେବେଳେ ତ ସେ ବାରବର୍ଷର କିଶୋରୀ ନୁହେଁ, ପୂର୍ଣ୍ଣ ଯୁବତୀଟିଏ। ମା'ର ଆଚରଣ ବୁଝିବା ତା' ପକ୍ଷେ ଖୁବ୍ ସହଜ। ତା' ପରଠୁ ସେ ମା' ଉପରେ ନିର୍ଭର କରିବା ଛାଡ଼ିଦେଲା। ତା'ର ନିର୍ଭରଶୀଳତାକୁ ଏଡ଼ାଇ ସ୍ୱାବଲମ୍ବନଶୀଳ ହେଲାବେଳେ ପ୍ରଥମେ ସଙ୍କୋଚ ଲାଗୁଥିଲା, ଭୟ ଲାଗୁଥିଲା। ଦ୍ୱନ୍ଦ୍ୱରେ ପଡ଼ି ଅସ୍ଥିର ହେଇଥିଲା। ନିଜ ଭିତରେ ଯୁଦ୍ଧ ଘନେଇ ଆସିଥିଲା। ସବୁଠି ଜିଣିଗଲା ଭୋକ। ମା'ର ସୀମିତ ଆୟରେ ନିଜର ଭାଗ ବସାଇ ଦିହେଁ ଅର୍ଦ୍ଧଭୁକ୍ତ ରହିବା ଅପେକ୍ଷା ସବୁକିଛିକୁ ପଛ କରି ଦେଇ ରୋଜଗାର କରିବାକୁ ଚାନ୍ଦି ହେଲା ଦୃଢ଼ମତି। ରୋଜଗାର କଲା ପ୍ରଥମେ ମା'କୁ ଲୁଚେଇ ଲୁଚେଇ। ମା' ଆଖିରେ ଧରାପଡ଼ିଯିବା ତାକୁ ମାଡ଼ିହେଇ ପଡୁଥିଲା। କି ଆଶ୍ଚର୍ଯ୍ୟ, ଯୋଉଦିନଠୁ ରୋଜଗାର କଲା ସେଇଦିନଠୁ କେଜାଣି କେମିତି ମା' ପ୍ରତି ଶ୍ରଦ୍ଧା ତା'ର କମି ଆସିଲା। ମନେହେଲା ଏ ଅବସ୍ଥା ପାଇଁ ମା' ତା'ର ଦାୟୀ। ନା କୁଷ୍ଟିଆରୁ ସେମାନେ ଆସିଥାନ୍ତେ– ନା ଏମିତି ଅବସ୍ଥାରେ ପଡ଼ିଥାନ୍ତେ– କୁଷ୍ଟିଆ ତାକୁ କିଶୋରୀଟିଏ କରି ରଖିଥିଲା, କଲିକତା କଲା ନାରୀ।

ହାଓ୍ୱଡ଼ା ଷ୍ଟେଶନ ସେମାନଙ୍କର ହେଲା ଘର। ସାରା ଦିନ ଯାତ୍ରୀଙ୍କ ଗହଳିରେ ଲୁଚିଯା'ନ୍ତି ଦିହେଁ। ଖାଲି ସେମାନେ ନୁହନ୍ତି, ତାଙ୍କପରି ଆହୁରି ଅନେକେ। ଷ୍ଟେଶନର ଅଣନିଃଶ୍ୱାସୀ ଚଞ୍ଚଳତା ଭିତରେ ସ୍ଥାୟୀ ବାସିନ୍ଦା। କୁମାରନ୍, ଶାମୁ, ଗୋବିନ୍ଦା, ଗୁଲାବୀ, ଚାନ୍ଦି କି ତା'ର ମା' ଆଉ ସେଇମିତି ଅଳ୍ପ କେଇଜଣ। ସେମାନେ ପରସ୍ପର ପରିଚିତ। ପରସ୍ପରର ଅନ୍ତରଙ୍ଗ ଓ ଆବଶ୍ୟକତା ଅନୁଯାୟୀ ପରସ୍ପରର ଶତ୍ରୁ। ପ୍ରତିଦିନ ହଜାର ହଜାର ଲୋକଙ୍କ ଯିବାଆସିବାର ଗହଳି ଭିତରେ ଏଇ ସ୍ଥାୟୀ ବାସିନ୍ଦାମାନେ ହଜି ଯାଇଥା'ନ୍ତି ଅନ୍ୟମାନଙ୍କ ଲାଗି। ଗହଳି କମିଗଲେ, ଗାଡ଼ି ଯିବାଆସିବା ବନ୍ଦ ହେଲେ, ଯାତ୍ରୀମାନେ ଛାଣି ହେଇ ଚାଲିଗଲା ପରେ ସେମାନଙ୍କ ଜୀବନଯାତ୍ରାର ଆଉ ଏକ ଧାରା ଆରମ୍ଭ ହୁଏ ନିଜସ୍ୱ ରୀତିରେ।

ଇନ୍‌କ୍ୱାରୀ କାଉଣ୍ଟର ସାମ୍ନାରେ ବିସ୍ତୃତ ଚଟାଣରେ ପାଖାପାଖି ଚାନ୍ଦି ଆଉ ତା' ମା' ଶୁଅନ୍ତି। ରାତିକ ପାଇଁ ସେ ସ୍ଥାନ ତାଙ୍କ ପାଇଁ ନିରୂପିତ। ଶୋଇଚନ୍ତି ଦିହେଁ ପାଖାପାଖି, ଟ୍ରେନ ଗହଳି ଆଉ ନାହିଁ, ଶାମୁର ଅସହ୍ୟ ସାନ୍ନିଧ ପରେ ଚାନ୍ଦି କ୍ଳାନ୍ତ ହେଇ ପଡ଼ିଚି, ସବାଶେଷରେ ପୁରୀ ପାସେଞ୍ଜର ବି ଚାଲିଗଲାଣି। କଲିକତା ଆକାଶରେ ରାତି ଆଉ ପାଞ୍ଚଘଣ୍ଟା ରହିବ। ଏତିକିବେଳେ ଆସିଲା ଗୋବିନ୍ଦା, ଏକନମ୍ବର ପ୍ଲାଟଫର୍ମର ଟଏଲେଟ୍– ସୁଇପର। ସାରାଦିନ ଥାଏ ପାଇଖାନା ପାଖରେ। ଯାତ୍ରୀ ଯିବେ ଝାଡ଼ା। ସେ ଆଦାୟ କରିବ ତା'ର ପଇସା। ବେଶ୍ ରୋଜଗାର ହେଇଯାଏ। ଖର୍ଚ୍ଚ ବି କମ୍ ନୁହେଁ– ବିହାରର ମୁଙ୍ଗେରରୁ ଆସିଥିଲା କୋଉକାଳୁ। ଏଇଠି ରହିଯାଇଚି। ଦରବୁଢ଼ା ମଣିଷଟା ପିନ୍ଧିଥାଏ ରେଲୱେ ସୁଇପର ପୋଷାକ, ସାମ୍‌ନା ଦାନ୍ତ ଗୋଟେ ଭଙ୍ଗା, ବାଳ ଫୁର୍‌ଫୁର୍। ବର୍ଷସାରା ମୁହଁ ଥିବ ରୁଢ଼ ଭର୍ତ୍ତି ହେଇ। ପାଟିରୁ ଚବିଶ ଘଣ୍ଟା ଗନ୍ଧ ବାହାରୁ ଥିବ ମଦର। ଦେଖିଲା ମା' ଝିଅ ଶୋଇଚନ୍ତି କନ୍ଥାଟେ ଘୋଡ଼ିହୋଇ। ହାଫ୍‌ପ୍ୟାଣ୍ଟ ପକେଟରୁ ବାହାରକଲା ଖଇନି ଡବା। ବାଁ ହାତ ପାପୁଲିରେ ଚୂନ ଟୋପେ ଆଉ ଖଇନି ବାହାର କରି ଡାହାଣ ହାତ ବୁଢ଼ା ଆଙ୍ଗୁଠିରେ ମଳୁମଳୁ ହାଲୁକା ଗୋଇଠାଏ ପକାଇଲା ଚାନ୍ଦି ପାଦରେ। ଚାନ୍ଦିର ନିଦଟା ଚାଉଁ କରି ଭାଙ୍ଗିଗଲା। ଦେଖିଲା ଗୋବିନ୍ଦା ହସୁଚି। ମୁଣ୍ଡ ହଲେଇ ଇଙ୍ଗିତ ଦେଲା ଉଠି ଆସିବାକୁ। ଚାନ୍ଦି ଉଠି ଶାଢ଼ି ସଜାଡ଼ି ନେଲା, ମୁଣ୍ଡରେ ହାତ ବୁଲେଇ ନେଲା– ମା'କୁ ଘୋଡ଼େଇ ଦେଇ ଉଠି ଆସିଲା। ବୁଢ଼ୀର ବି ନିଦ ନାଇଁ, ଗୋବିନ୍ଦା ଆଉ ଚାନ୍ଦି ଯିବାର ଦେଖି ଭାବିଲା, ଭଲ ହେଲା, କାଲିକି ଭାତ ମୁଠେ ମିଳିଯିବ ଖାଇବାକୁ। ଗୋବିନ୍ଦାଟା ଭଲ ପଇସା ଦିଏ।

ଷ୍ଟେଶନକୁ ପଛେଇ ଦେଇ ଦିହେଁ ଚାଲିଥିଲେ। ଉଚ୍ଚ ପାଚେରିଟିଏର ତଳ ଅଂଶରୁ ଇଟାକାଢ଼ି ଦେଇ ମଣିଷଟିଏ ଗଳିପାରିବା ଭଳି କଣାଟିଏ କରାହେଇଚି। ସେଇ କଣାରେ ଗଳି ସେମାନେ ବାହାରି ଆସିଲେ। ରାତି ଘନେଇ ଆସିଚି। ଜହ୍ନ ହସୁଚି। ଦୂରରେ ଦେଖାଯାଉଛି ରେଳରାସ୍ତାର ପୁରୁଣା ଓଜନଦାର କାଠସବୁ ଅଧା ପାହାଡ଼ଟିଏ ପରି ଜମା ହେଇଚି। ସେଇ କାଠସବୁ ଲମ୍ବ ବାଗରେ ଦି' ଥାକ, ତା' ଉପରକୁ ଉପର ରଖି କାନ୍ଥ କରାହେଇଚି, ଚଉଡ଼ା ବାଗରେ ପକେଇ ତା' ଉପରେ ଛାତ କରାହେଇଚି। ବାକି ଦି'ପଟ ଖୋଲା। ତଳେ ପଡ଼ିଚି ସେଇ କାଠ କିଛି ସମାନ ହେଇ, ଉପରେ ଦି' ଚାରି ବିଡ଼ା କୁଟା। ଗୋବିନ୍ଦା ଏଇଠି ରହେ। ତା'ର ବିବିବଚ୍ଚା ନାଇଁ, ଏକଲା ମଣିଷ। ବିବିବଚ୍ଚାର ଆବଶ୍ୟକତା କେବେ ଅନୁଭବ କରିନି। ନିର୍ଧୂମ ଖଟି ରାତିରେ ମନ ହେଲେ ଷ୍ଟେଶନ ଚଟାଣର ଚିହ୍ନା ଜଣକୁ ନେଇଯାଏ ସାଙ୍ଗରେ– ସେଇ ସମୟତକ ସେଇ ହୁଏ ବିବି, ସେଇଠି ପାଏ ଘରର ଉଷ୍ମତା।

ଚାନ୍ଦିର ଅଚାନକ କୁମାରନ୍ କଥା ମନେପଡ଼ିଲା। ବିଚରା ଭାରି ଲାଜକୁଳା। ଭାରି ଭୀରୁ। ତାକୁ ଚାନ୍ଦିର ମନପୂରାଇ ଆଦର କରିବାକୁ ଇଚ୍ଛା ହୁଏ। ତାକୁ ନେଇ ଘରଟିଏ ଗଢ଼ିବାକୁ ଇଚ୍ଛା ହୁଏ, ତାକୁ ଦେଖିଦେଲେ କୋଉଠି ପୂରିଗଲା ପରି ଲାଗେ। କିଛି ଅବସୋସ, କିଛି ଅପୂର୍ଣ୍ଣତା ଆଉ ଅନୁଭବ କରେ ନାଇଁ। କୁମାରନ୍ ପାଇଁ ଉନ୍ମନ ହେଇପଡ଼େ ଚାନ୍ଦି।

ଗୋବିନ୍ଦା ଡାହାଣ ହାତଟିରେ ଚାନ୍ଦିର ଅଣ୍ଟାକୁ ଗୁଡ଼େଇ ଚାଲିଛି। ବେଳେବେଳେ ଚାପି ଦଉଚି ନିଜ ଆଡ଼କୁ ଚାନ୍ଦିକୁ।

☞ ପୃଷ୍ଠା–୬

# 'ଲକ୍ଷ୍ମୀର ଅଭିସାର' ଗଳ୍ପର ପୂଜାରୀ ପଣ୍ଡିତଙ୍କ ଆତ୍ମକଥା

ଡ. ମଣୀନ୍ଦ୍ର କୁମାର ମେହେର

'ଲକ୍ଷ୍ମୀର ଅଭିସାର' ଗଳ୍ପଟି ବିଖ୍ୟାତ କଥାଶିଳ୍ପୀ ମନୋଜ ଦାସଙ୍କର ଯେ ଏକ ଶ୍ରେଷ୍ଠ ଗଳ୍ପ, ତାହା ଆପଣମାନେ ଜାଣନ୍ତି। ଏଇ ଗଳ୍ପଟିରେ ଲକ୍ଷ୍ମୀ ପରି ନିଷ୍ପାପ ଛୋଟ ଝିଅଟି ପ୍ରତି ମୋର କ୍ରୁର ବ୍ୟବହାର ଆପଣମାନେ ଦେଖିଛନ୍ତି ଓ ସେଥିପାଇଁ ନିଶ୍ଚୟ ମୋ' ଉଦ୍ଦେଶ୍ୟରେ ଆପଣଙ୍କ ଘୃଣାବ୍ୟଞ୍ଜକ ଦୃଷ୍ଟି ନିକ୍ଷେପ କରିଛନ୍ତି। ସତରେ ମୁଁ ଜାଣି ନ ଥିଲି ଲକ୍ଷ୍ମୀ ଦେବୀ ପ୍ରତିମାଟିଏ ବୋଲି। ସେ ଥିଲା ଚଳନ୍ତି ଠାକୁରାଣୀ। ମନ୍ଦିରରେ ଥିବା ଦେବତାଙ୍କ ସହିତ ତା'ର ଯେଉଁ ସୂକ୍ଷ୍ମ ସମ୍ପର୍କ ରହିଥିଲା, ତାହା ଉପଲବ୍ଧି କରିବାର କ୍ଷମତା ମୋର ନ ଥିଲା। ଏଣୁ ଅନେକ ସମୟରେ ମୁଁ ତାକୁ ଯେଉଁ କର୍କଶ ବ୍ୟବହାର କରୁଥିଲି, ସେଥିପାଇଁ ସେ ନିଶ୍ଚିନ୍ତ ମନରେ ଆସିପାରୁ ନ ଥିଲା ମନ୍ଦିର ଭିତରକୁ। ଯେଉଁଦିନ ଦି'ପହର ବେଳାରେ ମନ୍ଦିର ବାରଣ୍ଡାରେ ମୁଁ ଶୋଇପଡ଼ିଥିଲି କିଛି ସମୟ ପାଇଁ, ସେତିକିବେଳେ ମନ୍ଦିର ଭିତରକୁ ପ୍ରବେଶ କରି ଠାକୁରଙ୍କ ସହିତ ଯେଉଁ ଭାବ ବିନିମୟ କରିଥିଲା, ସେକଥା ଶୁଣିବାର ସୁଯୋଗ ମୁଁ ପାଇନାହିଁ। ମୁଁ ପରା ଶୋଇଥିଲି ଅର୍ଥାତ୍ ମୋର ଚେତନା ହିଁ ରହିଥିଲା ସୁପ୍ତ ହୋଇ। ଏଇ ଦ୍ୱିପ୍ରହରରେ ନିଦ୍ରାଭିଭୂତ ହେବା ମୋର ଅଚେତନତାର ଏକ ପ୍ରତୀକ ମାତ୍ର। ମନୋଜ ଦାସ ମୋ' ଅନ୍ତର ଭିତରର ଏଇ ଅଜ୍ଞାନତାକୁ ଯଥାର୍ଥ ଭାବରେ ବୁଝି ପାରିଥିଲେ। ମୋର ଯେତେବେଳେ ନିଦ ଭାଙ୍ଗିଲା, ସେତେବେଳେ ମୁଁ ଦେଖିଲି ଲକ୍ଷ୍ମୀ ହାତରେ ଦୁଇଟି କଦଳୀ ଧରି ମନ୍ଦିରରୁ ବାହାରୁଛି। ଏ ଛୋଟ ଝିଅଟି କେମିତି ମନ୍ଦିରରୁ କଦଳୀ ଦୁଇଟିକୁ ଚୋରିକରି ଆଣିଲା, ତାହା ଦେଖି ମୁଁ ତା' ଉପରେ କ୍ରୋଧବର୍ଷଣ କରିବାକୁ ଲାଗିଲି। ମୁଁ କ'ଣ ଜାଣିଥିଲି ଯେ ଠାକୁରେ ସ୍ୱୟଂ ତାକୁ ଏ କଦଳୀ ଦୁଇଟା ଖୁସିରେ ଦେଇଥିଲେ ବୋଲି! ମୋ' ପରି ମୂଢ଼ ପଣ୍ଡିତ ସେଥିପାଇଁ ତା' ପଛରେ ଧାଇଁଧାଇଁ ତାକୁ ଚୋରଣୀ ବୋଲି କହିକହି କେତେ ଲୋକଙ୍କୁ ସେଠି ଜମା କରାଇଦେଲା। ଲୋକେ ମଧ ମୋ' ପରି ଥିଲେ ଅଜ୍ଞାନ ଅନ୍ଧକାରରେ ଆବୃତ। ସେମାନେ ମୋ' କଥାକୁ ସମର୍ଥନ କରିବା ଓ 'କଦଳୀ ଦୁଇଟା ବଡ଼କଥା ନୁହେଁ, ବଡ଼କଥା ହେଉଛି ଝିଅର ଚରିତ୍ର' ବୋଲି ଅଭିହିତ କରିବା ମୋର ତଥା ସେମାନଙ୍କର ମୂର୍ଖତାର ହିଁ ଦେଲା ପରିଚୟ। ଆହା! ବିଚାରି ଲକ୍ଷ୍ମୀ, ମୋର ଏବଂ ଲୋକଙ୍କ ଭୟରେ ପଶିଗଲା ପୋଖରୀ ଭିତରକୁ। କେତେ ସମୟ ପରେ ତା'ର ବାପା ଆସି ତାକୁ ନେଇଗଲା ସେଠୁ ଉଦ୍ଧାର କରି। ଏ ଘଟଣା ଲୋକଙ୍କ ମନରେ ସୃଷ୍ଟି କଲା ଏକ ଅନ୍ଧବିଶ୍ୱାସ ଯେ ମନ୍ଦିରର ଠାକୁର ହେଉଛନ୍ତି ପ୍ରତ୍ୟକ୍ଷ ଦେବତା। ତାଙ୍କ ମନ୍ଦିର ମଧ୍ୟରୁ ଯିଏ ଚୋରି କରିବ, ତାହାର ନିସ୍ତାର ନାହିଁ। ଲକ୍ଷ୍ମୀକୁ ଜ୍ୱର ହେଲା। ଦୁଇ ତିନିଦିନ ପରେ ତା'ର ଅକାଳ ବିୟୋଗ ଘଟିଲା। ଲୋକେ ଠାକୁରଙ୍କ ପ୍ରତ୍ୟକ୍ଷ ଉପସ୍ଥିତିର ପ୍ରମାଣ ପାଇ ଯେତେବେଳେ ହରିବୋଲ ଧ୍ୱନି ଦେଲେ, ସେଇ ମୁହୂର୍ତ୍ତରେ ମୁଁ ଉପଲବ୍ଧି କଲି ଠାକୁରେ ମନ୍ଦିର ପରିତ୍ୟାଗ କରି ଚାଲିଗଲେ, ପଡ଼ିରହିଲା ତାଙ୍କର ନିର୍ଜୀବ ଦୀପ୍ତିହୀନ ରୂପଟି କେବଳ। ସେଇ ସମୟ ମୋ' ଜୀବନର ଥିଲା ଶ୍ରେଷ୍ଠ ମୁହୂର୍ତ୍ତ। କାରଣ ସେଇ ସମୟରେ ହଠାତ୍ ହେଲି ମୁଁ ଜ୍ୱରାକ୍ରାନ୍ତ। ମୁଁ ବୁଝିପାରିଲି, କି ଅପରାଧ ମୁଁ ନ କରିଛି! ସେଥିପାଇଁ ଯେଉଁ ଅବଶିଷ୍ଟ କିଛିଦିନ ମୁଁ ବଞ୍ଚିରହିଲି, ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲି ମତେ ଆଗାମୀ ଜନ୍ମରେ ଯେହ୍ନେ ଜିହ୍ୱାହୀନ କରନ୍ତୁ। ମୋର ଏ ପ୍ରାର୍ଥନା ଆପଣମାନେ ଶୁଣିଛନ୍ତି, ସେଥିପାଇଁ ମୋ' ପ୍ରତି ଆପଣମାନଙ୍କ ହୃଦୟରେ ଉଦ୍ରେକ ହୋଇଛି ଦୟା ବା କରୁଣା। ମୋର ପରିବର୍ତ୍ତନ ଦେଖି କେତେଜଣ ଆଶ୍ଚର୍ଯ୍ୟ ହୋଇ ମୋ' ଚରିତ୍ରର ସ୍ରଷ୍ଟା ମନୋଜଙ୍କୁ ପ୍ରଶ୍ନ କରିଛନ୍ତି ଯେ ମୋର ଏପରି ପରିବର୍ତ୍ତନ ହେଲା କାହିଁକି? ମନୋଜ ଉତ୍ତର ଦେଇଛନ୍ତି– ମଣିଷ ଯେତେ ମନ୍ଦ ହେଲେ ମଧ ତା' ଭିତରେ ଥିବା ଆତ୍ମାର ସ୍ଫୁଲିଙ୍ଗ ନିଶ୍ଚୟ ଦିନେନା ଦିନେ ପ୍ରକଟିତ ହେବ। ମୋର ପୂଜ୍ୟ ସ୍ରଷ୍ଟାଙ୍କ ଏଇ ଉତ୍ତର ଅକ୍ଷରେ ଅକ୍ଷରେ ସତ୍ୟ। ମୋ' ଭିତରେ ଯେ ଏକ ଅନୁଭବୀ ଆତ୍ମା ରହିଛି, ମୋ' ଭିତରେ ଯେ ବିଚାର ବିବେଚନାର ଏକ ଅନ୍ତଃଶକ୍ତି ରହିଛି, ତାହା ସେଦିନ ଅନୁଭବ କଲି।




କିନ୍ତୁ ଏ ମୋର ଆତ୍ମକଥା ଲେଖିବାର କାରଣ ଏ ପର୍ଯ୍ୟନ୍ତ ମୁଁ ବ୍ୟକ୍ତ କରିନାହିଁ। କଥାଟି ଏତିକିରେ ଶେଷ ହୋଇନାହିଁ ବୋଲି ମତେ ନିଜକଥା ନିଜେ କହିବାକୁ ପଡୁଛି। ଏପରିକି ମୋର ପୂଜ୍ୟ ସ୍ରଷ୍ଟା ମନୋଜ ଦାସ ମଧ ସେ କଥାଟି ବର୍ଣ୍ଣନା କରି ନ ଥିବାରୁ ମୋତେ ଆଜି ତାହା ବର୍ଣ୍ଣନା କରିବାକୁ ପଡୁଛି। ସେହି ନିଗୂଢ଼ କଥାଟି କ'ଣ ଆପଣମାନେ ଜାଣନ୍ତି କି? ତାହା ହେଲା– ମା' ଲକ୍ଷ୍ମୀ ମୋର ପ୍ରକୃତ ଠାକୁରାଣୀ ଓ ମୋ' ଚରିତ୍ରର ପରିବର୍ତ୍ତନ ପାଇଁ ସେ ଏ ପୃଥିବୀରେ ଅବତରଣ କରି ମୃତ୍ୟୁକୁ ବରଣ କଲେ। ଆଉ ଗୋଟିଏ କଥା ହେଉଛି– ମୁଁ ଅନୁଭବ କଲି, ଠାକୁରେ ମନ୍ଦିର ଛାଡ଼ି ଚାଲିଯାଇଛନ୍ତି, ତାହା ସତ୍ୟ ହୋଇପାରେ ; ମାତ୍ର ତା' ଭିତରେ ରହିଛି ଆଉ ଏକ ଗଭୀର ରହସ୍ୟ। ଠାକୁରେ ମୂର୍ତ୍ତି ସିନା ଛାଡ଼ିଦେଲେ, ତେବେ ସେହି ମୁହୂର୍ତ୍ତରେ ସେ ଏକ ଜ୍ୟୋତିରେଖା ହୋଇ ମୋ' ଅନ୍ତର ଭିତରେ ପ୍ରବେଶ କଲେ ତାଙ୍କର ଅସୀମ କରୁଣା ନେଇ। ସେଥିପାଇଁ ସିନା ମୁଁ ହେଲି ଜ୍ୱରାକ୍ରାନ୍ତ, ଆଉ ସେଥିପାଇଁ କଲି ପଶ୍ଚାତ୍ତାପ। ମୋ' ଭିତରେ ପ୍ରବେଶ କରିଥିବା ଭଗବାନ୍ ହିଁ କଥା କୁହାଇଲେ ମୋତେ, ଅନୁତପ୍ତ କରାଇଲେ। ମୁଁ ଶେଷନିଃଶ୍ୱାସ ତ୍ୟାଗ କରିବା ପୂର୍ବରୁ ସାକାର କଲେ ମୋର ମହାନ୍ ପୁନର୍ଜନ୍ମ। ଏହି ପୁନର୍ଜନ୍ମ ମୋତେ କ୍ଷଣକାଳ ପାଇଁ ବଞ୍ଚିବାର ସୁଯୋଗ ଦେଇଥିଲା ପୃଥିବୀରେ। ବର୍ଷବର୍ଷ ଧରି ମୁଁ ଠାକୁରଙ୍କ ପୂଜା କରିଛି, କିନ୍ତୁ ମୋ' ଭିତରକୁ ଠାକୁରେ କେବେ ପ୍ରବେଶ କରି ନ ଥିଲେ। ସେଥିପାଇଁ ମୋ' ମୁହଁରୁ ବାହାରୁଥିଲା କର୍କଶ ବଚନ ଓ ମୋ' ବ୍ୟବହାରରେ ଫୁଟି ଉଠୁଥିଲା ନିଷ୍ଠୁରତା। ଭଗବାନ୍ ଯେତେବେଳେ ମୋ' ପ୍ରତି କରୁଣା ବର୍ଷଣ କଲେ, ସେତେବେଳେ ମୋ' ପରି ଚରିତ୍ରର ହୃଦୟ ବିଗଳିତ ହୋଇଉଠିଲା। ମୋ' ଭିତରୁ ସବୁ କର୍କଶତା କ୍ଷଣକରେ ଦୂର ହୋଇଗଲା। ମୋ' ହୃଦୟ ହୋଇଗଲା ଦେବତାଙ୍କ ମନ୍ଦିର। ସେ ମନ୍ଦିର ଭିତରେ ଯେଉଁ ଶୁଭଶଙ୍ଖ ଧ୍ୱନି ମୁଁ ଶୁଣିଲି, ତାହା ପୂର୍ବରୁ କେବେହେଲେ ଶୁଣିବାର ସାମର୍ଥ୍ୟ ମୋର ନ ଥିଲା। ସ୍ୱୟଂ ଭଗବାନ୍ ମୋ' ଭିତରକୁ ଯଦି କରୁଣା ପ୍ରଦର୍ଶନ କରି ପ୍ରବେଶ କରି ନ ଥାଆନ୍ତେ, ମୁଁ କ'ଣ ସେହିଭଳି ବାକ୍ୟ ଉଚ୍ଚାରଣ କରି ପାରିଥାଆନ୍ତି, ଯାହା ମୋ' ଚରିତର ନିର୍ମାତା ଲେଖି ଦେଇଛନ୍ତି। ସେଇ ଭଗବାନ୍ ହିଁ ପୁଣି ମନୋଜ ଦାସଙ୍କ ହୃଦୟରେ ଅଧିଷ୍ଠିତ ହୋଇ ମୋରି ଚରିତ୍ରକୁ ରୂପାୟିତ କରିଦେଲେ ଜୀବନ୍ତ ଭାବରେ ତାଙ୍କରି ଲେଖନୀକୁ ମାଧ୍ୟମ କରି। ମୁଁ ଆଜି କୃତଜ୍ଞତାରେ ଛଳଛଳ ମୋ' ପ୍ରଭୁଙ୍କ ପ୍ରତି, ମା' ଠାକୁରାଣୀ ଲକ୍ଷ୍ମୀଙ୍କ ପ୍ରତି ଓ ମୋ' ଚରିତ୍ରର ରୂପକାର ସୁଦକ୍ଷ ଶିଳ୍ପୀ ମନୋଜ ଦାସଙ୍କ ପ୍ରତି। ଯେଉଁ ପାଠକମାନେ ମୋର ପରିବର୍ତ୍ତନ ଦେଖି ଅଭିଭୂତ ହେଲେ, ସେମାନଙ୍କଠାରେ ମଧ ମୁଁ ଚିରକୃତଜ୍ଞ। ଯେଉଁ ପାଠକଙ୍କ ମଧ୍ୟରେ ମୋ' ପରି ଚାରିତ୍ରିକ ଦୁର୍ବଳତା ଥିବ, ସେମାନଙ୍କ ଅନ୍ତରାତ୍ମା ମଧ୍ୟକୁ ଈଶ୍ୱର ତାଙ୍କର ଦିବ୍ୟ କରୁଣା ନେଇ ପ୍ରବେଶ କରନ୍ତୁ, ଯାହାଫଳରେ ମଣିଷ ହେବ ଦିବ୍ୟ ଆତ୍ମାର ଅଧିକାରୀ। ଆଉ ମୋର କିଛି କହିବାର ନାହିଁ। ଯେଉଁକଥା ରହିଥିଲା ଅବ୍ୟକ୍ତ ହୋଇ ତାକୁ କେବଳ ବ୍ୟକ୍ତ କରିଦେବାକୁ ମୋର କର୍ତ୍ତବ୍ୟ ବୋଲି ଅନୁଭବ କରିଥିବାରୁ ନମ୍ରତାର ସହିତ ଏତିକି ପ୍ରକାଶ କଲି ମାତ୍ର। ମୋର ପୂଜ୍ୟସ୍ରଷ୍ଟା ମନୋଜ କ'ଣ ଏହି ମର୍ମ କଥାଟି ଜାଣିନାହାନ୍ତି? ସେ ଜାଣିଛନ୍ତି ସବୁ। ତେବେ ସବୁକଥା କ'ଣ ବର୍ଣ୍ଣନା କରିହୁଏ? ବ୍ୟଞ୍ଜନାତ୍ମକ ଭାବରେ ମୋ' ସ୍ରଷ୍ଟା ଦିବ୍ୟ ସତ୍ୟକୁ ପ୍ରକଟ କରନ୍ତି ଅନ୍ତର୍ଭେଦୀ ଭାବରେ। ସେଥିପାଇଁ ପାଠକମାନଙ୍କ ପରି ମୁଁ ମଧ ତାଙ୍କ ନିକଟରେ ଚିରକୃତଜ୍ଞ। ମୋର ଗଭୀର ଆଶା ଓ ବିଶ୍ୱାସ ମନୋଜ ଦାସଙ୍କୁ ମୋର ଏ ବିନମ୍ର ଆତ୍ମ ସ୍ୱୀକାରୋକ୍ତି କଦାପି ଅସନ୍ତୁଷ୍ଟ କରିବ ନାହିଁ। ବରଂ ସେ ମୋର ଦିବ୍ୟ ଅନୁଭୂତି ଦେଖି ପରମ ତୃପ୍ତି ଅନୁଭବ କରିବେ ନିଶ୍ଚୟ।


ମନୋଜ ଦାସ

– ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

(ଚତୁର୍ଥ ପୃଷ୍ଠାରୁ...)

## ଧର୍ମଚକ୍ର...

ମନ ବଳେନି? ସ୍ତ୍ରୀକୁ ଦେଖି ଆସିବାକୁ ଆଗ୍ରହ ହୁଏନି? କିମ୍ଭୁତକିମାକାର ହସିଲା ଗୋବିନ୍ଦା। କହିଲା, ତମେମାନେ ଅଛ, ସ୍ତ୍ରୀ ମୋର କ'ଣ ହବ, ଘର କ'ଣ ହବ?

ଆଜି ଅଳ୍ପ ସମୟ ଲାଗି କୁମାରନ୍ ସଙ୍ଗେ ଦେଖା ହେଇଥିଲା। ଭାରି ବ୍ୟସ୍ତ ଥିଲା ପରି ଲାଗୁଥିଲା। ଚାନ୍ଦିକୁ କହିଲା କାଲି ଯାଉଚି ଘରକୁ। କହିଲା ବେଳେ ଲାଜେଇଗଲା ଟିକିଏ। ଚାନ୍ଦି ପଚାରିଲା, ହଠାତ୍ କାହିଁକି ଯାଉଚୁରେ, ଘରେ ସବୁ ଭଲ ତ? ଆହୁରି ଲାଜେଇ ଯାଇ କୁମାରନ୍ କହିଲା, ଘରେ ସମସ୍ତେ ଭଲ– ମୋର ସାଦୀ ହବ ତ, ସେଇଥିଲାଗି ଯାଉଚି। ଆସିବି ଯେ ସାତ ଆଠ ଦିନ ପରେ...। କପୋତୀଟିଏ କୁହୁରେଇ କାନ୍ଦିଦେଲା ଅବା ଚାନ୍ଦି ଭିତରେ। ଅଚାନକ ଚାନ୍ଦିର ମନେହେଲା ତା' କଣ୍ଠଟା ଶୁଖିଆସୁଚି। ଛାତି ଧଡ଼ଧଡ଼ କରୁଚି। କୁମାରନ୍ ବାହା ହେଇଯିବ ସତରେ...। କୁମାରନ୍‌ର ବାହାଘର ସତେ ଯେମିତି ଏକ ଅସ୍ୱାଭାବିକ ଘଟଣା... ଚାନ୍ଦି ଆଖିରେ ଅନ୍ଧାର ଘୋଟିଆସିଲା। ହାଓ୍ୱଡ଼ା ଷ୍ଟେଶନର ଗହଳି ଭିତରେ ତା'ର ମନେ ହେଲା କୁମାରନ୍, ତା'ର କୁମାରନ୍ ସବୁଦିନ ଲାଗି ହଜିଗଲା। ଚାନ୍ଦିକୁ ଭାରି ନିଛାଟିଆ ଲାଗିଲା– ମନ୍‌ହେଲା ତା' ଛାତିର ବେଦନା ଦୀର୍ଘଶ୍ୱାସ ହେଇ ବାହାରି ପାରୁନି, ଭିତରେ ମଛି ଦେଉଚି ତାକୁ। କେଉଁଠି ସୃଷ୍ଟି ହେଉଚି ଏତେ କୋହ? ଦେହରେ ତ ନିଶ୍ଚୟ ନୁହେଁ, ଆଉ କେଉଁଠି ମନ! ସେ କେଉଁଠି ଥାଏ– ସତେ କ'ଣ ତା'ର ମନ ଅଛି, ମନ ସୃଷ୍ଟି କରୁଚି, କାହିଁକି– କୁମାରନ୍ ବାହା ହେଇଗଲେ କ୍ଷତି କ'ଣ! ଚାନ୍ଦି ଭାବିଲା ସେ ତ କୁମାରନ୍ ସହିତ ବ୍ୟବସାୟ କରୁ ନ ଥିଲା– ସେଇଥିଲାଗି କ'ଣ ଏ ଅନ୍ତର୍ଦାହ? ଆଉ ବଞ୍ଚି ହଉନାଇଁ ଏକାଏକା। ବାନପୁର ସୀମା ଆରମ୍ଭରୁ ସେଇ ଯେ ମା'ର ହାତ ଛାଡ଼ିଥିଲା ଆଉ ଧରିପାରୁ ନାଇଁ, ଧରିବାକୁ ଚେଷ୍ଟା ବି କରିନାଇଁ। ଆତ୍ମନିର୍ଭରଶୀଳ ହେଇ ବଞ୍ଚୁବଞ୍ଚୁ ଯେ ତା'ର କି ପରିବର୍ତ୍ତନ, କାହିଁକି ଖୋଜୁଚି ପୁନର୍ବାର ଆଶ୍ରୟ, ପୁନର୍ବାର ନିର୍ଭରତା, ପୁନର୍ବାର ନିରାପତ୍ତା? ଗୋବିନ୍ଦାର ହାତ ଦୁଷ୍ଟାମି କରୁଚି ଚାନ୍ଦି ଦେହରେ। ନିଜକୁ ଗୋବିନ୍ଦା ସଙ୍ଗେ ଜଡ଼େଇ ଦେଇ ଚାନ୍ଦି ପଚାରିଲା– ଗୋବିନ୍ଦା ରଖିବୁ ମତେ ତୋ' ପାଖରେ ସବୁଦିନ...! ଉତ୍କର୍ଣ୍ଣ ହେଇ ଚାହିଁ ରହିଚି ଚାନ୍ଦି। ଗୋବିନ୍ଦାର ଉତ୍ତର ଭିତରେ ତା'ର ନୂଆ ଏକ ଜୀବନ କଅଁଳି ଆସିବ। ମା' ତା'ର ପିନ୍ଧେଇ ଦବ ଚାନ୍ଦି ବାପର ପାତଳ ସୁନାମୁଦିଟି ଗୋବିନ୍ଦା ହାତରେ...! ପୁଣି ଗୋଟିଏ ଯାତ୍ରା, ଘରର ଉଷ୍ମତା, ପତ୍ନୀତ୍ୱର ଗର୍ବ! ଗୋବିନ୍ଦା ଉଠିଲା। ହାଫ୍‌ପ୍ୟାଣ୍ଟ ପକେଟରୁ ବାହାରକଲା ମୁଠାଏ ରେଜା ପଇସା। ଚାନ୍ଦି ହାତରେ ଧରାଇ ଦେଇ ଶାନ୍ତ କଣ୍ଠରେ କହିଲା ଯା...।



# କବିତା

## ଯୋଉଠି ଥାଅ ଭଲରେ ଥାଅ

**ପୁରୁଷୋତ୍ତମ ମହାପାତ୍ର**

ଲୁଚାଇଲେ ବହିବା ଲୁହକୁ
କ’ଣ ହେବ ?
ଲୁହ ତ ଝରୁଚି ହୃଦୟରୁ !

କହିବି କହିବି ବୋଲି
ସାଇତି ଥିବା କେତେ କଥା
ଦେଖାଚାହାଁରେ କହି ହେଉନି
କେବଳ ସ୍ମୃତି ସବୁ ମନେପକେଇ
ନୀରବିଯାଉଚି ଉଦ୍‌ବେଗରେ
ମନ ଆକାଶରେ
ଅନାମିକା ଜହ୍ନର
ଜ୍ୟୋତ୍ସ୍ନାଲୋକ ଛପିଛପି ଖେଳେ !

ଏବେ ତମେ ନାହଁ
ନିଶ୍ଚୟ କହିବି
ସେଦିନର ସବୁ ସ୍ୱପ୍ନ
ମିଳେଇଯାଇଚି ମହାସ୍ରୋତରେ
ଏୟା ତ
ଦିନେ ତମେ କହିଥିଲ
ଆଖିର ଲୁହ ହୃଦୟର କୋହ
ଥପଥପ ମନ ଚୌହଦିରେ !

ଭଙ୍ଗାମନେ ଅଜସ୍ର ଦହନ
ପୁରୁଣା ଦିନର ସ୍ମୃତି
ବୋଳିଦିଏ ଶୀତଳ ଚନ୍ଦନ
ମାଡ଼ିଆସେ ସମ୍ମୁଖରୁ
ଉତ୍ତାଳ ଲହଡ଼ି
ଛତ୍ରଭଙ୍ଗ କରେ ସିନା
ନେଇପାରେନି ଜୀବନ !

ନଈକୂଳେ ତୋଟାମାଳେ
ଝରଣାର କୁଳୁକୁଳୁ ସ୍ୱର
କୋଇଲିର କୁହୁତାନ
ରାତ୍ରିର ନୀରବ ସଂଳାପ
ନିର୍ଭୟରେ ଚାଲୁଥିଲେ
ବେଳେବେଳେ ତାହା ମନେପଡ଼େ
ଖୁବ୍ ଆନମନା କରେ ।

ଏମିତି ତ
ଘଟେ ବେଳେବେଳେ
ତମେ କେଉଁଠି ଅଛ କେଜାଣି
କୋଳାହଳ ଭିତରେ
ଅବା ପ୍ରାଚୁର୍ଯ୍ୟର ଗନ୍ତାଘରେ
ଥାଅ ଭଲରେ !!

**– ଗୋପାଳପୁର ଶାସନ,
ବାଣପୁର, ଖୋର୍ଦ୍ଧା**

## ଚୋରାବାଲି

**ଲିପ୍‌ସା ପଟେଲ**

ନିରାପଦ ସମ୍ପର୍କଟିଏ ଯେତେବେଳେ
ଅନ୍ଧାରକୁ ପିନ୍ଧିବା ଶିଖିଯାଏ,
ଠିକ୍ ସେତିକିବେଳେ
ରାତିର ପକ୍ଷୀଟିଏ ପ୍ରାୟ
ଡାକ ଛାଡ଼େ...
କିଛି ସନ୍ଦେହ ଓ ରାଗରୁଷା
ଆଲିଙ୍ଗି ଧରିଥିବା ସ୍ନେହର ବୁଢ଼ୁଳାଟା
କେମିତି ଶଙ୍କାଗ୍ରସ୍ତ ଗନ୍ଧାଏ
ଛାଇ ବି ଖୁବ୍ ଅପରିଚିତ ଲାଗେ ।

ସମୟର ଷଡ଼ଯନ୍ତ୍ରରେ
ଅଲୋଡ଼ା କାଳବୈଶାଖୀର
ଉତ୍ତପ୍ତ ଚକ୍ରବ୍ୟୂହରେ
ଲାଭାଗ୍ରସ୍ତ ଅନେକ ସମ୍ବୋଧନ
ଠିକ୍ ସେତିକିବେଳେ ଉଙ୍କିମାରେ
ଭୋଟର କାର୍ଡ, ଆଧାର କାର୍ଡରେ
ସ୍ୱ ପରିଚୟ...
ଏତିକି ହିଁ କ’ଣ ସମ୍ପର୍କ ?

ସକାଳର ଚଞ୍ଚୁରେ
ଆଲୋକିତ ଅକ୍ଷର ସବୁ
ସ୍କାଇଲାଇଟ୍‌ରେ ନୀଡ଼ଟିଏ କରେ,
କରେ ସତ, କିନ୍ତୁ
କାଣିଚାଏ ଆଲୁଅ ଆସିପାରେନା,
ସନ୍ଦେହର ଚୌହଦି ପାରି କରିପାରେନା ।

ଆଖିଠାର କରିବାକୁ
କଳାଚଷମାର ଆବରଣ ପରି
ଅନ୍ଧାର ପିଠିରେ
ପ୍ରତିଥର ମହିଷାସୁରଟିଏ ଆସେ
ସମ୍ପର୍କର ମନୋରମ ଉପବନଟିଏ
ଖ୍ୱିନ୍‌ଭିନ୍ କରିବାକୁ
ସେ ଏମିତି ହିଁ ଆସେ ।

**– ଇରିଗେଶନ କଲୋନୀ,
ଭବାନୀପାଟଣା, କଳାହାଣ୍ଡି–୧**

## ଏକାଏକା ଅନ୍ତରଙ୍ଗ

**ଚକ୍ରପାଣି ପରିଚ୍ଛା**

ନିଜକୁ ଭଲ ପାଉଥିବା କେହି ଜଣେ
ହାଣମୁହଁରେ ଠିଆ
ପରଖୁଚି ଫାର୍ଶାର ଶାଣ ।

ନିଜକୁ ଭଲ ପାଇବାର ମାନେ ବୋଧେ
ଗୋଟେ ରକ୍ତାକ୍ତ, ହିଂସ୍ର କ୍ଷୁଧା
ଯାହା କୁହୁଳୁଥାଏ ଅନବରତ
ସ୍ନାୟୁର ଗଳିକନ୍ଦିରେ ।

ସ୍ୱପ୍ନ ଦେଖାଳିର ବି ଅଜବ ସର୍ତ୍ତ
ଅନ୍ଧାରର ଆଇନାରେ
ନିଦକୁ ପହରା ଶିଖିବା ମନା
ମନା ବି ଆଉ କାହାର ସ୍ୱପ୍ନରେ ଆସି
ଫେରି କରିବା ।

ଠିକଣା ଲେଖା ନ ଥିବା
ଚିଠି ପହଞ୍ଚିଯିବା
ଯେପରି ଆକସ୍ମିକ
ତାଠୁଁ ବଳି ବିସ୍ମୟକର
ଅନ୍ଧ ଡାକବାଲାର ଆଖିରେ ଲେଖା
ଚିଠିର ଗୋପନୀୟ ଭାଷା ।

ଅସ୍ଥିର ଏବଂ ଅନିଶ୍ଚିତତାର
ଛାଇ ତଳେ
ଘାତକ ବନାମ ନିଜେ,
ନିଜକୁ ଭଲ ପାଉଥିବା କେହି ଜଣେ ।।

– ବୈପାରୀଗୁଡ଼ା, କୋରାପୁଟ

## ଜୀବନବୋଧ

**ଉପେନ୍ଦ୍ର ପ୍ରସାଦ ନାୟକ**

ପତି ପାଗଳ ହେଇଗଲେ
ଇଚ୍ଛା ନ ଥିଲେ ବି
ପାଗଳଖାନା ପଠାଇବାକୁ ପଡ଼େ ।
ପତି ଲମ୍ପଟ ମଦ୍ୟପ ପାଲଟିଗଲେ
ସଜାଡ଼ିବା ଦୁରୂହ ହେଇପଡ଼େ
ପତି ଯଦି ତିନିଟା ପିଲାକୁ
ପତ୍ନୀ ପାଖରେ ଛାଡ଼ି
ହତ୍ୟା ଅପରାଧରେ ଜେଲ୍ ଯାଏ
ମଥା ଉପରେ
ଆକାଶଟା ଛିଡ଼ି ପଡ଼ିଲା ପରି ଲାଗେ ।

ଘର୍ମାକ୍ତ ହୋଇ, ସଂଗ୍ରାମ କରି
ପତ୍ନୀ ଯଦି ପିଲାଙ୍କୁ
ଦୁନିଆ ଦାଣ୍ଡରେ ଛିଡ଼ା କଲା ପରେ
ପତି ଜେଲ୍‌ରୁ ଫେରି
ନାଲିଆଖି ଦେଖାଇ
ଅର୍ଥ ଶୋଷଣ କରେ
ଦୁରବସ୍ଥା ବଢ଼ିଯାଏ
ବଂଚି ମଧ୍ୟ ବାରବାର ମରିବାକୁ ହୁଏ ।

ଏକଥା କାହାକୁ କହିହୁଏ
ନା ସହିହୁଏ
ନା ମଦ୍ୟପ ଖୁଣୀ ପିତାକୁ
ପୁତ୍ରକନ୍ୟାକୁ ସଅଁପି ଦେଇପାରେ ।

ହସ୍ତପଦ ଥରିଉଠେ
ଜୀବନ ଯାତ୍ରାର ଶେଷଅଙ୍କ
ଯାତନାରେ ଭରିଯାଏ ।

– ଚିତ୍ରକଳା, ଏଲ୍–୧୦୨,
ବରମୁଣ୍ଡା ହାଉସିଂ ବୋର୍ଡ଼ କଲୋନୀ,
ଭୁବନେଶ୍ୱର–୩

## ଆଃ ବର୍ଷା !

**ବିଜୟ କେତନ ପଟ୍ଟନାୟକ**

ଆକାଶର ପାଲ ଫଟାଇ
ଗଳଗଳ ଗଳୁଛି ବର୍ଷା
ପାଲସାରା ଚାଲୁଣି ପରି କଣା
ସହସ୍ର କଣାରେ ସହସ୍ର ଧାରାର ବର୍ଷା
ଆଃ ବର୍ଷା ; ବର୍ଷାର ବି ଅଜବ ବାସ୍ନା !

ଧୁ’ ଧୁ’ ଖରାରେ ଗଳଦ୍‌ଘର୍ମ
ମେହେନତୀ ଆଦିବାସୀ ମଣିଷର
କଳାକଳା ଚିକ୍‌କଣ ଦେହରୁ
ନିଗିଡ଼ି ଆସିଲା ପରି ଥପ୍‌ଥପ୍ ଝାଳ
ପାଖ ବାହାଡ଼ା ଗଛର ମୋଟା ଗଣ୍ଡିରୁ
ନିଗିଡ଼ି ପଡ଼ୁଛି ଧାରଧାର ବର୍ଷା ଜଳ ।
ପାରାମ୍ବିକୁଲମ୍ ଜଳଭଣ୍ଡାରରେ
ବାଦଲଫଟା ବର୍ଷାର ମହୋତ୍ସବ
ହ୍ରଦ ଜଳ, ବର୍ଷା ଜଳର ଦ୍ୱିତାଳିକ ଯୁଗଳବନ୍ଦୀ
ବର୍ଷା, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁରୁ ହେଉ
ଅବା ମୌସୁମୀ ଫେରନ୍ତା ଉତ୍ତର ପୂର୍ବର
କ’ଣ ଫରକ ଅଛି, ବର୍ଷା ତ ବର୍ଷା,
ସବୁ ବର୍ଷାର ମହକ ଏକ, ଛନ୍ଦ ବି ଏକ ।

ଘାଟ ସିଟ୍ ଆଉଟ୍‌ରେ କବିଟିଏ ବସିଛି
ନିର୍ବାକ୍, ନିଷ୍ପଲକ । ପଛରେ ପାନ୍ଥଶାଳା–
ଅଭୟାରଣ୍ୟର । ଦୁଇପଟେ ଶୃଙ୍ଗାର ଉନ୍ମୁଖ
ଉଭୟ ମାଟି ଆଉ ଗଛବୃକ୍ଷ ।
ଅସରନ୍ତି ବର୍ଷାର ଆସର ଭିତରେ
ମାଛି ଅନ୍ଧାର ବହଳ ହେଉଛି...
ଧଳାଧଳା ସାବୁନ୍ ଫେଣ ପରି
ନେସି ହୋଇଗଲାଣି ସଂଜ କୁହୁଡ଼ି
ଅନ୍ଧାର ଘୁଞ୍ଚିଘୁଞ୍ଚି ଆସୁଛି
କବିର ହାତପାହାନ୍ତାକୁ ।

କବି, ବର୍ଷାର କୋମଳାଙ୍ଗକୁ ଛୁଉଁଚି
କୁହୁଡ଼ିକୁ ଛାତିରେ ଜାବୁଡ଼ି ଧରିଛି ।
– ୫୭, ଜଗମୋହନ ନଗର, ଜାଗମରା

### ଗୀତି–କବିତା

## ଏଇ ତ ଜୀବନ

**ବିପ୍ଳବ**

ସବୁଜ ଗ୍ରହର ମାଟିରେ ହଜିଛି
କୋଟିକୋଟି ମାଂସ ଦେହ
ସବୁଜ ଗ୍ରହର ମାଟିରେ ଭିଜିଛି
ଅସରନ୍ତି ଆଖି ଲୁହ ।।

ତଥାପି ଲିଭିନି କାମନାର ନିଆଁ
ମଣିଷ ମନର ଶୋଷ
ନିଜେ ବି ଜଳିଛି ଅନ୍ୟକୁ ଜାଳିଛି
ଇଏ ତା’ର ଇତିହାସ ।।

ସହିବାର ସୀମା ଯୋଉଠି ଟପିଛି
ସେଇଠି ଜଳିଛି ନିଆଁ
ସହିବା ଜୀବନ ଛୋଟ ହୁଏ ନାହିଁ
ଭାଗ୍ୟ ତା’ ମଳୟ ଛୁଆଁ ।।

ଝଡ଼ ତ ଆସୁଛି ଝଡ଼ ବି ଆସିବ
ସହିବାକୁ ହେବ ଦାଉ
ମହାଦ୍ରୁମ ସିନା ମାଟିରେ ମିଶିବ
ଦୂବର କି ହେବ ଆଉ !

–ମକୁନ୍ଦପୁର, ବାଙ୍କୀ

# କବିତାଟିଏ ଲେଖିଲେ ଭାବେ ଏକ କନ୍ୟା ସନ୍ତାନର ମା' ହେଲି...




ଛୋଟବେଳୁ ଭଲ ବହିପଢ଼ିବା ମୋର ଏକ ନିଶା। ମୋର ମନେଅଛି, ଚାରିଟା ପରେ ପିଲାମାନେ ବାହାରେ ଖେଳିବାକୁ ପସନ୍ଦ କରନ୍ତି, ହେଲେ ମୁଁ 'ଜହ୍ନମାମୁଁ' କି ଅନ୍ୟ ଶିଶୁ ସାହିତ୍ୟ ପତ୍ରିକା ଧରି ବସିଥାଏ।

ଅନୁଗୋଳର ଅମଲାପଡ଼ାରେ ଆମେ ରହୁଥାଉ। ନନା ସେତେବେଳେ ଅନୁଗୋଳରେ ଚାକିରି କରୁଥାଆନ୍ତି। ଆମ ସରକାରୀ ବାସଭବନ ସାମ୍ନାରେ ଅନୁଗୋଳର ବିଏଡ୍ କଲେଜ। ବିଏଡ୍ କଲେଜର ଲାଇବ୍ରେରିଆନ୍ ମୋ' ନନାଙ୍କର ଚିହ୍ନାପରିଚୟ ଥିଲେ। ବହି, ବହି, ବହି... ଖୁବ୍‌କମ୍‌ପଢ଼ିଯାଏ ଦିନସବୁ ବହିପଢ଼ିସାରିବାକୁ।

ବହିକୁ ଭଲପାଇବା, ବହିପଢ଼ିବା, ସେଥିରୁ ସାରମର୍ମ ଚିପି ରଖିବାର ଲାଳସା ମୁଁ ମୋ' ନନାଙ୍କ ପାଖରୁ ହିଁ ଶିଖିଛି। ମୋ' ନନା ମୋ' ଗୁରୁ, ପଥପ୍ରଦର୍ଶକ। ମୋ' ଜୀବନର ପ୍ରତିଟି ପଦକ୍ଷେପରେ ତାଙ୍କ ଅବଦାନ ଅତୁଳନୀୟ ମୋ' ଜୀବନରେ।

ସେଇ ଛୁଟିରେ ଓଡ଼ିଆ ସାହିତ୍ୟର ଅନେକ ବରେଣ୍ୟ କବି ଓ ଲେଖକଙ୍କୁ ପଢ଼ିବା ପରେ ମୋ' ଭିତରେ ଏକ ନୂଆ ଜୀବନର ସଞ୍ଚାର ହେଲା। କୁହାଯାଏ, ଗ୍ରୀଷ୍ମର ସେ କଠୋର ପ୍ରକୋପରେ କେବଳ ରକ୍ତବର୍ଣ୍ଣର କୃଷ୍ଣଚୂଡ଼ା ହିଁ ପସରା ମେଲି ଖିଲିଖିଲି ହସୁଥାଏ। ସେ ବର୍ଷ ସୂର୍ଯ୍ୟଙ୍କର ସେଇ ରୁଦ୍ର ପ୍ରକୋପ ଭିତରେ ମୋର ପ୍ରଥମ ଲେଖା, ଏକ କବିତା ଜନ୍ମ ନେଇଥିଲା। ନିଜର ଅବ୍ୟକ୍ତ ଭାବନାକୁ ଶବ୍ଦ ରୂପ ଦେଇ ମୁଁ ଖୁବ୍ ଉଲ୍ଲାସ ଥିଲି, ଗର୍ବ କରୁଥିଲି ମନେମନେ, ମୁଁ ଏକ କନ୍ୟା ସନ୍ତାନର ଜନନୀ ହୋଇଗଲି ବୋଲି। ହଁ, ଏବେ ବି ମୁଁ ଏ କଥା ଅନୁଭବ କରେ, ଯେତେବେଳେ ମୁଁ ଏକ କବିତା ଲେଖେ, ମୁଁ ଭାବେ ମୁଁ ଏକ କନ୍ୟା ସନ୍ତାନର ମା' ହୋଇଗଲି। ଯେବେ ଏକ ଗପ ଲେଖେ, ଏକ ପୁତ୍ର ସନ୍ତାନର ଜନନୀ ବୋଲି ଆନନ୍ଦ ଅନୁଭବ କରେ।

ଷଷ୍ଠ ଶ୍ରେଣୀରୁ ମୁଁ ଡାଏରୀ ଲେଖେ। ନନା ପ୍ରତିବର୍ଷ ଇଂରାଜୀ ନୂଆବର୍ଷ ବେଳକୁ ଏକ ଡାଏରୀ ଓ କଲମ ଉପହାର ଦିଅନ୍ତି। ସ୍କୁଲରେ କୌଣସି ଭାଷଣ ଦେବା ପାଇଁ ଲେଖିବା, ପ୍ରବନ୍ଧ ଲେଖିବା ପାଇଁ ନନାଙ୍କ ସହାୟତା ନେଉଥିଲି। ହେଲେ ପ୍ରଥମଥର ନିଜେ ନିଜ ମନର ଭାବନାକୁ ବ୍ୟକ୍ତ କରିଥିବାରୁ ମୁଁ ଖୁବ୍ ପୁଲକିତ ଥିଲି।

ମୋର ପ୍ରଥମ ଲେଖାଟି ଯାହା ଅଦ୍ୟାବଧି ଅପ୍ରକାଶିତ, ତାହା ମୋ' ବୋଉ ଉପରେ ଲିଖିତ ଏକ କବିତା ଥିଲା। ଦିନରାତି ଅବିଶ୍ରାନ୍ତ କାମରେ ଲୋଟି ପଡୁଥିବା ମଣିଷଟି ବୋଧେ ବୋଉ, ନା ଥାଏ ତା'ର କ୍ଳାନ୍ତି, ନା ବିଷାଦ, ପାଇବା, ନ ପାଇବାର ଆକାଂକ୍ଷା, ଅବସୋସ, ଜୀବନର ଲମ୍ବା ଫର୍ଦ୍ଦ ତା'ର ଓଲଟି ଚାଲେ ଭଙ୍ଗାଗଡ଼ା ଦିନଗୁଡ଼ିକୁ ନେଇ...।

ମୋର ପ୍ରଥମ ଲେଖାଟି ମୋତେ ଅପାର ଆନନ୍ଦ ଦେଇଥିଲା। ମୋ' ପାଇଁ ଆତ୍ମବିଶ୍ୱାସ ଆଣିଥିଲା ସତ, ହେଲେ ମୋତେ ଯେମିତି ଲାଗୁଥିଲା ମୁଁ ଯାହା ଲେଖିବାକୁ ଚାହୁଁଥିଲି, ତାହା ସବୁ ଲେଖି ପାରିନି, ଆଉ ସେଇ ଅଭାବବୋଧର ଅନୁଭବ ମୋତେ ଆଗକୁ ଲେଖିବାକୁ ପ୍ରେରଣା ଦେଇଥିଲା। ତା'ପରେ ମୁଁ ଅନେକ ଶିଶୁ କବିତା, ଶିଶୁ ଗଳ୍ପ, ଆଧୁନିକ କବିତା ଓ ଗଳ୍ପ ଲେଖିଛି ଏବଂ ଲେଖୁଛି।

ଅନୁଗୋଳ ମହାବିଦ୍ୟାଳୟରେ ପଦାର୍ଥ ବିଜ୍ଞାନ ଅନର୍ସ ନେଇ ପଢ଼ିବା ସମୟରେ ମୋର ଲେଖା ଆମ କଲେଜ ମାଗାଜିନରେ ପ୍ରକାଶିତ ହୋଇଥିଲା। କବି ରାଧାମୋହନ ଗଡ଼ନାୟକଙ୍କ ପ୍ରୋତ୍ସାହନରେ ଅନୁଗୋଳ ସାହିତ୍ୟ ସଂସଦରେ



ଅନସୂୟା ପଣ୍ଡା


ଅନୁଷ୍ଠିତ କବିତା ପାଠୋତ୍ସବରେ ଯୋଗ ଦେଉଥିଲି। ବାଣୀବିହାରରେ କମ୍ପ୍ୟୁଟର ଆପ୍ଲିକେସନରେ ମାଷ୍ଟର ଡିଗ୍ରୀ (ଏମ୍.ସି.ଏ.) କଲାବେଳେ ମଧ୍ୟ ମୋର ଲେଖା ବିଶ୍ୱବିଦ୍ୟାଳୟର ପତ୍ରିକାରେ ପ୍ରକାଶିତ ହେଉଥିଲା। କମ୍ପ୍ୟୁଟର ସଫ୍ଟୱେର ଇଞ୍ଜିନିୟରର ଜୀବନ କେବଳ କମ୍ପାନୀର ଚାରି କାନ୍ଥରେ ଆବଦ୍ଧ ହୋଇଥିଲେ ବି ମୋର ଲେଖିବା କେବେ ବନ୍ଦ ହୋଇ ନ ଥିଲା କି ହୋଇନି।

କେତୋଟି ଅନ୍‌ଲାଇନ୍ ମାଗାଜିନ୍ ବାଦ୍, ପ୍ରଥମଥର ମୋର ଏକ ଅଣୁଗଳ୍ପ 'ଝଗଡ଼ା' ଗତବର୍ଷ ସେପ୍ଟେମ୍ବର ଆଠ ତାରିଖରେ 'ଧରିତ୍ରୀ' ଖବରକାଗଜ (ଯାହାକି ମୋ' ଭାଷାରେ ଏକ ସ୍ୱନାମଧନ୍ୟ ଖବରକାଗଜ)ର 'ସାହିତ୍ୟାୟନ'ରେ ପ୍ରକାଶିତ ହୋଇଥିଲା। ସେ ମୁହୂର୍ତ୍ତରେ ମୋ' ଅନୁଭୂତି ଶବ୍ଦରେ ଅବର୍ଣ୍ଣନୀୟ। ମୋତେ ଲାଗୁଥିଲା ସତେଯେମିତି ମୁଁ ପୃଥିବୀର ସବୁଠାରୁ ଧନୀ, ଖୁବ୍ ସଫଳ ଓ ଖୁସିମଣିଷଟିଏ। ଜୀବନର ଉତ୍ଥାନ, ପତନ ସମୟ ସହିତ ମୋ' ଜୀବନର ଗତିପଥକୁ ଧିମେଇ ଦେଇଛି ସତ, ମାତ୍ର ବନ୍ଦ କରି ଦେଇନି। ପ୍ରତିଦିନ ସକାଳ ଜୀବନରେ ଏକ ନୂଆ ବାର୍ତ୍ତା ନେଇ ଆସିଥାଏ ଜୀବନକୁ ଗତକାଲିଠୁ ଉନ୍ନତ କରିବାକୁ, ଆଉ ସବୁ କଠୋର ତିକ୍ତ ମୁହୂର୍ତ୍ତ, ନିଜେ ନିଜକୁ ପାଖରୁ ଜାଣିବାକୁ ସୁଯୋଗ ଦିଏ, ଜୀବନରେ ପ୍ରକୃତ ମଧୁର ସ୍ୱାଦ ଚଖାଏ, ଏହାହିଁ ମୋ' ସୃଜନ-ଜୀବନର ଅନୁଭୂତି।




## ସବୁରି ଉପରେ କାଳ

**ଲେଖକ:** ଅମ୍ବିକା ପ୍ରସାଦ ଦାସ
**ପ୍ରକାଶକ:** ରାଧାକୃଷ୍ଣ ପବ୍ଲିକେଶନ୍ସ ପ୍ରା.ଲିଃ., ଭୁବନେଶ୍ୱର-୧୦
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୧୫୦/-




ଅମ୍ବିକାଙ୍କ ଦ୍ୱାରା 'ଓଡ଼ିଶା ଏକ୍ସପ୍ରେସ୍'ରେ ପ୍ରକାଶ ପାଇ ଆସୁଥିବା ନିୟମିତ ସ୍ତମ୍ଭ 'ସତ କହିବାକୁ କିଆଁ ଡରିବି'ର ୪୨ଟି ଚୟିତ ପ୍ରସଙ୍ଗକୁ ନେଇ 'ସବୁରି ଉପରେ କାଳ' ଗ୍ରନ୍ଥାୟିତ। ଏହା 'ସତ କହିବାକୁ କିଆଁ ଡରିବି'ର ଦ୍ୱିତୀୟ ଭାଗ। ଗ୍ରନ୍ଥାରମ୍ଭରେ ଉମାପଦ ବାବୁ ଲେଖିଛନ୍ତି- "ଅମ୍ବିକା ପ୍ରସାଦ ଭୟଶୂନ୍ୟ ହୋଇ ଯାହା କୁହନ୍ତି, ତାହା ଯେକୌଣସି ସଚେତନ ପାଠକଙ୍କୁ ଆନନ୍ଦ ତ ଦିଏ, ଏଥି ସହିତ ଅନ୍ୟାୟ ବିରୋଧରେ ମୁହଁ ଖୋଲିବାକୁ ପ୍ରୋତ୍ସାହନ ଯୋଗାଏ। ଏହା ହିଁ 'ସତ କହିବାକୁ କିଆଁ ଡରିବି' ସ୍ତମ୍ଭର ବିଶେଷତ୍ୱ।" ଆଲୋଚ୍ୟ ପୁସ୍ତକରେ ଏପରି ପ୍ରସଙ୍ଗ ସବୁ ରହିଛି, ଯାହା ଆମ ସମୟ ଓ ସମାଜର ନାନା ଘଟଣାର ଭିତିରି ସତ୍ୟକୁ ଉଦ୍ଘାଟିତ କରେ। ଅମ୍ବିକା କେବଳ ଲେଖନ୍ତି ନାହିଁ, ନାନା ଅବକାଶରେ ନିଜ ନଜରକୁ ଆସୁଥିବା ଅନ୍ୟାୟ ଅନୀତି ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାନ୍ତି, ଯାହା ଫଳରେ ଅପରାଧୀ ଦଣ୍ଡପାଏ ଓ ବ୍ୟବସ୍ଥାରେ ପରିବର୍ତ୍ତନ ଘଟେ। 'ସରକାର କା ମାଲ୍' ଏହିପରି ଗୋଟିଏ ଲେଖା। ଗ୍ରନ୍ଥରେ ଥିବା ପ୍ରାୟ ଲେଖା ଆକାର ଦୃଷ୍ଟିରୁ କ୍ଷୁଦ୍ର ଓ ଭାଷା ସରଳ। ଗପ ପରି ପଢ଼ି ହୋଇଯାଏ, ଅନ୍ତରରେ ଗାର ଟାଣେ ଓ ମନର ଭୀରୁପଣକୁ ସାହସରେ ଚାଙ୍ଗା କରିଦିଏ।

## ମୁଦ୍ରିତ ନାୟିକା

**ଲେଖିକା:** ଡ. ଇତି ସାମନ୍ତ
**ପ୍ରକାଶକ:** କାଦମ୍ବିନୀ ମିଡିଆ ପ୍ରା.ଲି., ଭୁବନେଶ୍ୱର-୨୧
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୪୫୦/-


ଯେକୌଣସି ଗବେଷଣା ନିବନ୍ଧରେ ଗବେଷକଙ୍କର ନିଜସ୍ୱ ସ୍ୱାଧୀନତା ରହିଥାଏ। ସେ ତାଙ୍କ ଗବେଷଣା-ପ୍ରକଳ୍ପର ଖସଡ଼ାଟି କିପରି ପ୍ରସ୍ତୁତ କରିବେ, ଏହା ତାଙ୍କ ଇଚ୍ଛାଧୀନ ବ୍ୟାପାର। ଗବେଷଣାଟି ଯଦି ଏକ ସ୍ଥିରୀକୃତ ସମୟ ଖଣ୍ଡର ସାହିତ୍ୟ, ତେବେ ସେ ସାହିତ୍ୟର ବିଧାଟି କ'ଣ ଓ ସେଇ ବିଧା ଅନ୍ତର୍ଗତ କେଉଁକେଉଁ ଲେଖକ ତାଙ୍କ ଗବେଷଣାର ଧେୟ- ଏସବୁ ସମ୍ପୃକ୍ତ ଗବେଷକ ବା ତାଙ୍କ ତତ୍ତ୍ୱାବଧାରକ ସ୍ଥିର କରିଥା'ନ୍ତି। ଆଲୋଚ୍ୟ ଗ୍ରନ୍ଥ 'ମୁଦ୍ରିତ ନାୟିକା' (ଯାହା 'ଓଡ଼ିଆ ଉପନ୍ୟାସରେ ନାରୀ ଚରିତ୍ର: ବୈବିଧ୍ୟ ଓ ବୈଶିଷ୍ଟ୍ୟ: ୧୯୮୦-୨୦୦୫'ର ସମ୍ପାଦିତ ରୂପ)ରେ ଡ. ଇତି ସାମନ୍ତ ଠିକ୍ ତାହା ହିଁ କରିଛନ୍ତି। ୧୯୮୦ରୁ ୨୦୦୫ କାଳଖଣ୍ଡରେ ସେ ବିଭୂତି ପଟ୍ଟନାୟକ, ବୀଣାପାଣି ମହାନ୍ତି, ପ୍ରତିଭା ରାୟ, ରାମଚନ୍ଦ୍ର ବେହେରା ଓ ସରୋଜିନୀ ସାହୁଙ୍କୁ ପ୍ରମୁଖ ଉପନ୍ୟାସକାର ଭାବେ ଆଲୋଚନା କରି ସମକାଳୀନ ଅନ୍ୟ ୧୪ ଜଣଙ୍କ ଉପନ୍ୟାସକୁ କିୟତ୍ ଚର୍ଚ୍ଚାର ପରିଧିଭୁକ୍ତ କରିଛନ୍ତି। ଗବେଷଣାର ସ୍ୱ-ନିର୍ଦ୍ଧାରିତ ସୀମା ଭିତରେ ଥାଇ ସେ ତାଙ୍କ ଗବେଷଣାକୁ ତଥ୍ୟନିଷ୍ଠ ଓ ବିଚାରଦୀପ୍ତ କରିପାରିଛନ୍ତି। ଆକଳନ ନିରପେକ୍ଷ ଓ ସୃଜନଧର୍ମୀ।




## ନୀଳସ୍ମୃତିର ଅଂଜଳି

**କବି:** ହେମନ୍ତ କୁମାର ରାଉତ
**ପ୍ରକାଶକ:** ଇସ୍କଫ୍, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୫୦/-

କବିତା ଗ୍ରନ୍ଥଟି କବିଙ୍କର ୨୩ତମ ସଂକଳନ ଓ ଏଥିରେ ୧୨୩ଟି କବିତା ସ୍ଥାନିତ। ହେମନ୍ତଙ୍କ କବିତାରେ ସଙ୍ଗୀତ ଛପିଥାଏ ଯେତିକି, ନିଆଁହୁଳ ବି ଦିକିଦିକି ହେଇ ଜଳୁଥାଏ ସେତିକି। ବହିର କବିତାଗୁଡ଼ିକ ଛୋଟବଡ଼ ମିଶାମିଶି। "ଶୂନ୍ୟ ନଈ ସେ ତୀରରେ ଟିକେ ଜାଗା ଦିଅ/ ବୁଦାଏ ଘାସ ପାଲଟି ଯିବି/ ଘାସ ଫୁଲ ହୋଇ ଫୁଟିବି" ('ଟିକେ କଥା'- ପୃ:୪୨)- ଶୁଭେ ନାହିଁ କି ପ୍ରାର୍ଥନା





ପରି? "ଝର୍କା ବାହାରେ ପଡ଼ିଥିବା/ ଖବର କାଗଜ ଗୋଟେଇ/ ଆଣି ଦେଖେ ତ ତା'ର/ ପ୍ରତିଟି ଶବ୍ଦ ଜୁଡୁବୁଡୁ ରକ୍ତରେ" ('ଝର୍କା ସାମ୍ନାରେ'- ପୃ:୧୩୭)- ଏଥିରେ ବ୍ୟଥା ଯେତିକି, ବିଦ୍ରୋହ ଠିକ୍ ସେତିକି। ହେମନ୍ତଙ୍କର ଗ୍ରନ୍ଥସ୍ଥ ଏଇ କବିତାଗୁଡ଼ିକରେ ଦେଶର ଆତ୍ମାକୁ ଭେଟିହୁଏ, ଯଦି ଭେଟିବାକୁ ସତରେ ବ୍ୟାକୁଳ ହେଉଥାଏ ପାଠକର ମନ। କବିତାର ଭାଷାରେ ମିଶିଛି କେନ୍ଦରାର କାରୁଣ୍ୟ ଓ ବୋଉର ଅଦୃଶ୍ୟ ଆଖିଲୁହ। ବହିଟିକୁ ପାଠକେ ଆଦରିବେ, ଯେଣୁ ଏହାର ଛତ୍ରେଛତ୍ରେ ନିଜର ସ୍ୱପ୍ନ ଓ ସ୍ୱପ୍ନଭଙ୍ଗକୁ ଭେଟିବେ।

## ସବୁ କିଛି ଅନ୍ତରଙ୍ଗ

**କବି:** ବିବେକାନନ୍ଦ ପାଣିଗ୍ରାହୀ
**ପ୍ରକାଶକ:** ଗୌରବ ପବ୍ଲିକେଶନ, ଭୁବନେଶ୍ୱର-୬
**ପ୍ରଥମ ପ୍ରକାଶ:** ୨୦୧୯, **ମୂଲ୍ୟ:** ଟ.୮୦/-

ବହିଟିରେ ମୋଟ ୪୪ଟି କବିତା ସ୍ଥାନ ପାଇଛି। 'କବିର ପୃଷ୍ଠା' ଶୀର୍ଷକ ଗଦ୍ୟଲେଖରେ କବି କହିଛନ୍ତି: "ମୋ' କବିତା ମୋର ଅନୁଧ୍ୟାନ ଓ ଅନୁଭବର ଆତ୍ମଲିପି। ନିରସ, ଦୁର୍ବୋଧ ଏବଂ ଗଦ୍ୟାୟିତ ଛନ୍ଦରେ ମୁଁ କବିତା ଲେଖେ ନାହିଁ। × × × କବିତାରେ ଆବେଗ ଓ ଛନ୍ଦର ସ୍ପର୍ଶ କିଛି ମାତ୍ରାରେ ରହିବା ଏକାନ୍ତ ଜରୁରୀ। ମୁଁ ଏ ସମ୍ପର୍କରେ ସର୍ବଦା ସଚେତନ।"




ପାଣିଗ୍ରାହୀଙ୍କର ଏହି ଉକ୍ତିର ସାକ୍ଷ୍ୟ ଭାବେ ତାଙ୍କ କବିତାରୁ ଆମେ କେଇଟି ଉଦ୍ଧୃତି ନେଇପାରିବା-୧. "ନିଷ୍ପ୍ରାଣ ଶରୀରରେ ତା'ର/ଧକ୍କା ଖାଏ ବୈଶାଖୀର ଝଡ଼/ସନ୍ତପ୍ତ ପ୍ରାଣକୁ ତା'ର ଚହଲାଏ/ଅଗ୍ନିଝରା ନିଦାଘର ହୋରି।" ('ଥୁଣ୍ଟାଗଛ'- ପୃ: ୪୪), ୨. "ଆସନ୍ତାକାଲି/ ଆସିବ ନିଶ୍ଚୟ/ ଶୀତ ସକାଳର/ ଘନ କୁହୁଡ଼ି ପରି/ ଶରତ ରାତ୍ରିର/ ମୁଲାଏମ୍ ଗୋରା ଜହ୍ନ ପରି।" ('ଆସନ୍ତା କାଲି'-ପୃ: ୭୨)। ଏଥିରେ ସଙ୍ଗୀତ ଅଛି, ସ୍ଥାପତ୍ୟ ବି ଅଛି। କବିତା ଭିତରୁ ଅଙ୍କିତ ଚିତ୍ରଟି ଦିଶୁଛି ଓ ବ୍ୟଞ୍ଜିତ ସ୍ୱରଟି ଶୁଭୁଛି। ବିବେକାନନ୍ଦଙ୍କ 'ସବୁକିଛି ଅନ୍ତରଙ୍ଗ' ପାଠକୀୟ ଆଦୃତି ପାଇବ- ଏ ବିଶ୍ୱାସ ରଖି ହେଉଛି।